## ସଂକ୍ଷେପରେ

### ନବନିଯୁକ୍ତ ସରକାରୀ ଓକିଲଙ୍କ ପ୍ରଥମ ବୈଠକ

**ଯାଜପୁର,୧।୨ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ପବ୍ଲିକ ପ୍ରସିକ୍ୟୁସନର ଉପନିର୍ଦ୍ଦେଶକଙ୍କ ଆହ୍ୱାନକ୍ରମେ ଯାଜପୁରର ବୁଢ଼ୀ କଣ୍ଟେଇ ଠାକୁରାଣୀଙ୍କ ପୀଠରେ ଶନିବାର ନୂତନ ଭାବେ ନିଯୁକ୍ତି ପାଇଥିବା ସରକାରୀ ଓକିଲମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭଦ୍ରକ ଓ ଯାଜପୁର ଜିଲା ପାଇଁ ଯୁଗ୍ମ ଭାବେ କାର୍ଯ୍ୟରତ ପବ୍ଲିକ ପ୍ରସିକ୍ୟୁସନ ଉପନିର୍ଦ୍ଦେଶକ ରଶ୍ମିତା ମହାପାତ୍ର, ଯାଜପୁର ଜିଲାର ପବ୍ଲିକ ପ୍ରସକ୍ୟୁସନର ସହକାରୀ ନିର୍ଦ୍ଦେଶକ ପ୍ରତିମା ଓଝା, ଯାଜପୁର ଜିଲାର ପବ୍ଲିକ ପ୍ରସିକ୍ୟୁଟର୍ ମୋନାଲି ରାଇସା, ଯାଜପୁର ଜିଲାର ନବ ନିଯୁକ୍ତ ଜିପି ଚନ୍ଦ୍ରଶେଖର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କୋର୍ଟରେ ମାମଲା ପରିଚାଳନା କାର୍ଯ୍ୟ ଯେପରି ସୁଚାରୁରୂପେ ସମ୍ପାଦନା ସହ ଆପରାଧିକ ମାମଲାରେ ଦଣ୍ଡବିଧାନ ହାର ବୃଦ୍ଧି କରାଯାଇପାରିବ ସେଥିପ୍ରତି ଦୃଷ୍ଟି ରଖି କାର୍ଯ୍ୟ କରିବାକୁ ନବ ନିଯୁକ୍ତ ସରକାରୀ ଓକିଲମାନଙ୍କୁ ପରାମର୍ଶ ଦିଆଯାଇଛି। ବୈଠକରେ ଯାଜପୁର, ଯାଜପୁର ରୋଡ୍ ଏବଂ ଚଣ୍ଡିଖୋଲ ନ୍ୟାୟିକ ଷ୍ଟେଶନ ସମେତ ବିଭିନ୍ନ ତହସିଲ ଏବଂ ଉପଜିଲାପାଳଙ୍କ ଅଦାଲତରେ ନିଯୁକ୍ତ ସରକାରୀ ଓକିଲମାନେ ଯୋଗଦେଇଥିଲେ ।

# ଟିଏସ୍‌କେର ସ୍ୱତନ୍ତ୍ର ନିଯୁକ୍ତି, ୫୦ ମନୋନୀତ

### ଏନ୍‌ଆଇଏନ୍‌ଏଲ୍ ପକ୍ଷରୁ ସମାନ ପ୍ରକ୍ରିୟା ଆରମ୍ଭ

**ଯାଜପୁର,୧।୨(ହର୍ଷବର୍ଦ୍ଧନ ବେହେରା):**

ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ପକ୍ଷରୁ ସ୍ୱତନ୍ତ୍ର ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ କଳିଙ୍ଗନଗର ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଏବଂ ଜମି ହରାଇଥିବା ପରିବାରର ୫୦ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପାଇଁ ମନୋନୀତ କରାଯାଇଛି। ସାମାଜିକ କଲ୍ୟାଣ ଏବଂ ଅନ୍ତର୍ଭୁକ୍ତକାରୀ ବିକାଶ ପ୍ରତି ନିଜର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇ ଟାଟା ଷ୍ଟିଲ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛି ବୋଲି ବିଭାଗ ପକ୍ଷରୁ ଦର୍ଶାଯାଇଛି। ଏହି ପଦକ୍ଷେପ ଦ୍ୱାରା ଶିଳ୍ପାୟନରୁ ପ୍ରଭାବିତ ସ୍ଥାନୀୟ ଲୋକମାନଙ୍କୁ ଦୀର୍ଘସ୍ଥାୟୀ ଜୀବିକା ଯୋଗାଇଦେବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ୨୦୨୫ ଜୁଲାଇରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ନିଯୁକ୍ତି ଅଭିଯାନରେ ଟାଟା ଷ୍ଟିଲ କଳିଙ୍ଗନଗର ପ୍ଲାଣ୍ଟ ଯୋଗୁ ଜମି ହରାଇଥିବା ଏବଂ ବିସ୍ଥାପିତ ହୋଇଥିବା ପରିବାରର ଯୋଗ୍ୟ ପ୍ରାର୍ଥୀମାନେ ହିଁ ଏଥିରେ ସାମିଲ ହୋଇପାରିବେ। ଏହି ସ୍ୱତନ୍ତ୍ର ଚୟନ ପ୍ରକ୍ରିୟାରେ ୧୭୯ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୫୦ ଜଣଙ୍କୁ ତାଲିକାଭୁକ୍ତ କରାଯାଇଛି। ମନୋନୀତ ପ୍ରାର୍ଥୀଙ୍କ ମଧ୍ୟରୁ


ନିଯୁକ୍ତି ପାଇଁ ମନୋନୀତ ହୋଇଥିବା ଛାତ୍ରୀଛାତ୍ର ।

୪୨ ଜଣ ଡିପ୍ଲୋମାଧାରୀ ଏବଂ ୮ ଜଣ ଆଇଟିଆଇ ଶିକ୍ଷାପ୍ରାପ୍ତ। ଫେବୃଆରୀ ୪ରେ ଏହି ମନୋନୀତ ପ୍ରାର୍ଥୀମାନଙ୍କ ପ୍ରମାଣପତ୍ର ଯାଞ୍ଚ ଏବଂ ପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ।

ତ୍ରିଜଙ୍ଗା ପୁନର୍ବାସ କଲୋନିରୁ ମନୋନୀତ ପ୍ରାର୍ଥିନୀ କୁମାରୀ ରୀନା ପାତ୍ର ନିଜର ଉତ୍ସାହ ପ୍ରକାଶ କରି କହିଛନ୍ତି, ଟାଟା ଷ୍ଟିଲରୁ ମିଳିଥିବା ଏହି ସୁଯୋଗ ତାଙ୍କ ଏବଂ ତାଙ୍କ ପରିବାର ପାଇଁ ଏକ ସ୍ୱପ୍ନ ସତ ହେବା ପରି । ଏହା କେବଳ ଏକ ଚାକିରି ନୁହେଁ, ବରଂ ଏକ ସୁରକ୍ଷିତ ଭବିଷ୍ୟତ ଗଢ଼ିବା ଏବଂ ସମାଜର ବିକାଶରେ ଅବଦାନ ରଖିବା ପାଇଁ ଏକ ସୁଯୋଗ। ସେହିପରି ଗୋବରଘାଟି ପୁନର୍ବାସ କଲୋନିର ମଣ୍ଟୁ ସୋୟ କହିଛନ୍ତି, ସେ ବହୁତ ଗର୍ବିତ ଏବଂ କୃତଜ୍ଞ। ଏହି ସ୍ୱତନ୍ତ୍ର ନିଯୁକ୍ତି ତାଙ୍କ ଭବିଷ୍ୟତ ଗଠନ ପାଇଁ ଏକ ବଡ଼ ସୁଯୋଗ ଦେଇଛି। ମନୋନୀତ ପ୍ରାର୍ଥୀମାନେ ମୁଖ୍ୟତଃ ତ୍ରିଜଙ୍ଗା, ଗୋବରଘାଟି, ସାଂସାଇଲୋ ଏବଂ ରାମଠେଙ୍ଗ ପୁନର୍ବାସ କଲୋନି ସମେତ ନିକଟସ୍ଥ ଦାନଗଦି, ପଙ୍କପାଳ, ବାରଗାଡିଆ, ମାନତିରା ଏବଂ ନଡିଆଭଙ୍ଗା ପଞ୍ଚାୟତର ବାସିନ୍ଦା ଅଟନ୍ତି। ଏହି ପ୍ରତିବଦ୍ଧତାକୁ ଆହୁରି ବ୍ୟାପକ କରି ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍) ମଧ୍ୟ ଏହାର ବିସ୍ଥାପିତ ଓ ଜମିହରା ପରିବାରର ସଦସ୍ୟଙ୍କ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛି । ଏନ୍‌ଆଇଏନ୍‌ଏଲ୍ ପକ୍ଷରୁ ମେକାନିକାଲ, ଇଲେକ୍ଟ୍ରିକାଲ, ଇଲେକ୍ଟ୍ରୋନିକ୍ସ, ମେଟାଲର୍ଜି ଏବଂ ସିଭିଲ ଇଞ୍ଜିନିୟରିଂରେ ଆଇଟିଆଇ ଓ ଡିପ୍ଲୋମାଧାରୀଙ୍କ ସମେତ ଇଣ୍ଡଷ୍ଟ୍ରିଆଲ ସେଫ୍ଟିରେ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା କରିଥିବା ପ୍ରାର୍ଥୀଙ୍କ ପାଇଁ ଆବେଦନ ଆହ୍ୱାନ କରାଯାଉଛି।

# ନିର୍ଦ୍ଦେଶରେ ଅଟକିଛି ରେଳ ରହଣି

### ଦାବିପୂରଣ ନ ହେଲେ ୧୪ରେ ରେଳରୋକୋ ଚେତାବନୀ

**ଧର୍ମଶାଳା,୧।୨(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଅଧୀନ ପାଖର ରେଳ ଫାଟକଠାରେ ରେଳରହଣି ନିମନ୍ତେ ଦିଆଯାଇଥିବା ନିର୍ଦ୍ଦେଶକୁ ଅଢ଼େଇ ବର୍ଷ ବିତିଲାଣି, ହେଲେ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନି, ଯାହାକୁ ନେଇ ସ୍ଥାନୀୟ କ୍ରିୟାନୁଷ୍ଠାନ କମିଟି ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କେବେ କାର୍ଯ୍ୟ ଶେଷ ହେବ ଓ ରେଳ ରହିବ ତାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଏନେଇ କମିଟି ପକ୍ଷରୁ ଶନିବାର ସ୍ଥାନୀୟ ଶ୍ୟାମ ସୁନ୍ଦର ମନ୍ଦିର ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କୁହାଯାଇଛି, ୨୦୨୩, ମେ'୧୭ରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସୁପାରିସକ୍ରମେ ରେଳ ବୋର୍ଡ ଦ୍ୱାରା ପାଖରେଠାରେ ରେଳରହଣି ପାଇଁ ନିର୍ଦ୍ଦେଶ ହୋଇଥିଲା। ଏହାପରେ କିଛି କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ବିଭାଗୀୟ ଅବହେଳା ଯୋଗୁ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ସ୍ଥାନୀୟ ବିଧାୟକ ହିମାଂଶୁ ଶେଖର ସାହୁ ଏହାଉପରେ ହସ୍ତକ୍ଷେପ କରି ପୂର୍ବତଟ ରେଳପଥ ସାଧାରଣ ପରିଚାଳକଙ୍କୁ ଚିଠି ଲେଖିଥିଲେ। ଏହାସତ୍ତ୍ୱେ ରେଳପଥ ଅଧିକାରୀଙ୍କ ଅବହେଳାରୁ ଏହାର ଅଗ୍ରଗତି ହୋଇପାରୁନାହିଁ। ତେବେ ରେଳ ରହଣି ଦାବିପୂରଣ ନ ହେଲେ ଆସନ୍ତା ୧୪ ତାରିଖରେ ପାଖର ରେଳ ଫାଟକଠାରେ ଗଣଧାରଣା ଦିଆଯିବା ସହ ରେଳରୋକୋ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଯୁଧିଷ୍ଠିର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଏମ୍‌ପିଙ୍କ ପ୍ରତିନିଧି କାହ୍ନୁ ଚରଣ ଦାସ, ଗୋଲକ ଚନ୍ଦ୍ର ପଲେଇ, ବେଣୁଧର ନାୟକ, ମୋହନ ଚନ୍ଦ୍ର ଖିଲାର, ନକୁଳ ଚରଣ ନାୟକ, ସରପଞ୍ଚ ସବ୍ୟସାଚୀ ଦାସ, ପୂର୍ବତନ ସରପଞ୍ଚ ଅବଧୂତ ମଲିକ, ପୂର୍ବତନ ଜିଲା ପରିଷଦ ସଭ୍ୟ କାହ୍ନୁଚରଣ ସାମଲ, ଆବାହକ ବିଜୟ କୁମାର ଦାସ, ପାଣ୍ଡବ ରାଉତ, ଅରୁଣ ଖିଲାର, ଭୀମ ସେନ ଖିଲାର, ମଦନ ମୋହନ ରାଉତ, ସତ୍ୟାନନ୍ଦ ବେହେରା ଓ ଚନ୍ଦ୍ରମଣି ଘଡ଼େଇ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମାଘ ପୂର୍ଣ୍ଣିମା ଅବସରରେ ଅଗ୍ନିଉତ୍ସବ



**ଯାଜପୁରରୋଡ୍,୧।୨(ପବିତ୍ର ରଞ୍ଜନ ମହାନ୍ତି):**

ମାଘ ପୂର୍ଣ୍ଣିମା ତିଥିରେ ଅଗ୍ନିଉତ୍ସବ ବା ଅଗିରା ପୂର୍ଣ୍ଣିମା ପାଳନ କରାଯାଇଥାଏ। ଏହିକ୍ରମରେ ଶୀତଋତୁକୁ ବିଦାୟ ଦେଇ ଗ୍ରୀଷ୍ମ ଋତୁ ଆଗମନରେ ପୁରପଲ୍ଲୀରେ ରବିବାର ସନ୍ଧ୍ୟାରେ ଅଗିରା ପୂର୍ଣ୍ଣମୀ ପାଳିତ ହୋଇଯାଇଛି। ଶୁଖିଲା ପାଳ ଗଦାକୁ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ସେଥିରେ ଅଗ୍ନି ସଂଯୋଗ କରାଯାଇଥିଲା। ଏହି ଅଗ୍ନିରେ ବିଭିନ୍ନ ଫଳ ଓ ପରିବା ଅର୍ପଣ କରାଯାଇ ତାହାକୁ ପ୍ରସାଦ ଭାବରେ ଗ୍ରହଣ କରାଯାଇଥିଲା। ଏହିପ୍ରସାଦ ପାଇଲେ ଦେହରେ କୌଣସି ଚର୍ମ ରୋଗ ହୁଏନାହିଁ ବୋଲି ପ୍ରବାଦ ଅଛି। ଏହି ପରିପ୍ରେକ୍ଷୀରେ ବ୍ୟାସନଗର ସହରର ବିଭିନ୍ନ ସ୍ଥାନରେ ଅଗ୍ନି ଉତ୍ସବ ପାଳନ କରାଯାଇଛି। ବ୍ୟସସରୋବର ମହିମା ଆଶ୍ରାମରେ ସାଧୁସନ୍ଥ ଝାଡ଼ଜାଳି, ଖଞ୍ଜଣି ବଜାଇ ଭୀମଭୋଇଙ୍କ ଭଜନ ଗାନକରି ଏହି ଉତ୍ସବକୁ ପାଳିଛନ୍ତି। ସେହିପରି ସହରର ଚୋରଦା, ଉମାପଦା, ନାହକା, ଚାନ୍ଦମା, ନଟପଡ଼ା, ଝଟିଆ ସାହି, ଯୋଡ଼ାବର, କୋପଣ୍ଡ, ମୁଣ୍ଡମାଳ, ଦଳା ଆଦି ଗ୍ରାମରେ ଅଗିରା ପୂର୍ଣ୍ଣମୀ ପାଳିତ ହୋଇଯାଇଛି।

# ରାଜ୍ୟସ୍ତରୀୟ ଉଷୁ ପ୍ରତିଯୋଗିତାରେ ଧର୍ମଶାଳା ଖେଳାଳିଙ୍କ ସଫଳତା


ପଦକ ଜିତିଥିବା ଖେଳାଳିମାନେ ।

**ଧର୍ମଶାଳା,୧।୨(ବଟକୃଷ୍ଣ ପରିଡ଼ା):**

ରାଜ୍ୟସ୍ତରୀୟ ଉଷୁ ଖେଳରେ ଧର୍ମଶାଳା ଅଞ୍ଚଳ ଖେଳାଳି ସଫଳତା ହାସଲ କରିଛନ୍ତି। ସେମାନେ ଏହି ଖେଳରେ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୨ କାଂଶ୍ୟ ପଦକ ହାତେଇଛନ୍ତି। ଭୁବନେଶ୍ୱରସ୍ଥିତ ରୟାଲ ସାଇନ୍ସ କଲେଜରେ ଦୁଇଦିନ ଧରି ଏହି ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ଅଲମ୍ପିକ୍‌ର ସଭାପତି ସମୀର ମହାନ୍ତି ଓ ଓଡ଼ିଶା ଉଷୁ ଆସୋସିଏସନ୍‌ର ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଖେଳରେ ୨୧ଜିଲାରୁ ୩୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଧର୍ମଶାଳା ବ୍ଲକର ହର୍ଷିତ ବଳ(ସବ ଜୁନିଅର) ୬୦ କେଜି ବର୍ଗରେ ସ୍ୱର୍ଣ୍ଣ, ଏସ୍‌କେ ଅହମ୍ମଦ ଅଲ୍ଲି ୫୬ କେଜି ବର୍ଗରେ ସ୍ୱର୍ଣ୍ଣ, ରାଜଲକ୍ଷ୍ମୀ ବଳ ୭୫ କେଜି(ସିନିୟର) ବର୍ଗରେ ରୌପ୍ୟ, ଧନଜୟ ସାହୁ ଶହେ କେଜି ସିନିଅରରେ କାଂଶ୍ୟ, ସ୍ଥିତିପ୍ରଜ୍ଞା ସାହୁ ୪୫ କେଜି ଜୁନିୟରରେ କଂଶ୍ୟ ପଦକ ହାସଲ କରିଥିଲେ। ଏହି ସଫଳତାରେ ଧର୍ମଶାଳା ଅଞ୍ଚଳ ଗୌରବାନ୍ୱିତ ହୋଇଥିବାନେଇ କ୍ରୀଡ଼ା ଶିକ୍ଷକ କୈବଲ୍ୟ ନାୟକ କହିଛନ୍ତି। ଯାଜପୁର ଜିଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ, ଜିଲା ଉଷୁ ଆସୋସିଏଶନ ସଭାପତି ସବିତା ସିଂ ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଉଚ୍ଚକୋଟିର ପ୍ରଦର୍ଶନ କରିବା ନେଇ ଆଶା ପୋଷଣ କରିଛନ୍ତି।

# ୩ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

### କୋରେଇ ବ୍ଲକର ଜହ୍ନା ପଞ୍ଚାୟତ

**କୋରେଇ,୧।୨(ଚନ୍ଦ୍ରକାନ୍ତ ପତି):**

କୋରେଇ ବ୍ଲକ୍ ଅଧୀନ ଜହ୍ନା ପଞ୍ଚାୟତରେ ରବିବାର ୩ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଧାୟକ ଆକାଶ ଦାସନାୟକ ମୁଖ୍ୟଅତିଥିଭାବେ ଯୋଗଦେଇ ଏସବୁ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବିଧାୟକ ଜହ୍ନାଛକଠାରୁ ଏକ ବାଇକ୍ ରାଲିରେ ଆସି ପୂର୍ବାହ୍ନ ୧୧ଟାରେ ଜହ୍ନା ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରେ ଜହ୍ନା ଖମଣ ନାଳର ପୁନରୁଦ୍ଧାର ଓ କୃଷକ ପାଦଚଲା ସେତୁ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମଧ୍ୟାହ୍ନ ୧୨ଟାରେରେ ଜହ୍ନା ମା' କଲ୍ୟାଣୀ ଦେବୀମନ୍ଦିର ଉନ୍ନତୀକରଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜହ୍ନା ଖମଣନାଳର ପୁନରୁଦ୍ଧାର ହେଲେ ଜହ୍ନା, ଖମଣ, ବଡ଼ବିରୁହାଁ ଆଦି ପଞ୍ଚାୟତର କୃଷି କ୍ଷେତ୍ରକୁ ଜଳସେଚନ ହେବା ସହିତ କୃଷକଙ୍କ ଉନ୍ନତି ହୋଇପାରିବ। ସେହିପରି ଉପସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ହେବା ଦ୍ୱାରା ଜହ୍ନା ପଞ୍ଚାୟତ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ହୋଇପାରିବ।

ଏହି ଅବସରରେ ବିଧାୟକ କହିଥିଲେ, ଆଗାମୀ ଦିନରେ କୋରେଇର ଗମନାଗମନ, ସ୍ୱାସ୍ଥ୍ୟସେବା, କୃଷିର ଉନ୍ନତି ଓ ଶିକ୍ଷାର ଉନ୍ନତି ନିମନ୍ତେ ଅନେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଯାଜପୁର ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ଜହ୍ନା ସରପଞ୍ଚ ସଂଯୁକ୍ତା ସାହୁ, ସମିତିସଭ୍ୟା ହେମଲତା ପାଢ଼ୀ, ଚନ୍ଦ୍ରମଣି ବେହେରା, ଶକ୍ତିକେନ୍ଦ୍ର ସଭାପତି ଜଗଦୀଶ ସାହୁ, ପ୍ରୀତିରଞ୍ଜନ ସାହୁ, ଖରସ୍ରୋତା ମଣ୍ଡଳ ଯୁବସଭାପତି ଆଲୋକ ଦାଶ, ବ୍ରାହ୍ମଣୀଦେବୀ ମଣ୍ଡଳ ସଭାପତି ରାକେଶ ଜେନା, ବରୁଣ୍ଡେଇ ସମିତିସଭ୍ୟ ରଶ୍ମିରଞ୍ଜନ ପରିଡ଼ା, ପ୍ରକାଶ ଧଳ, ଅଯୋଧ୍ୟା ଜେନା, ଧନେଶ୍ୱର ବାରିକ, ପ୍ରିୟବ୍ରତ ସାହୁ, ସ୍ମୃତିରଞ୍ଜନ ପାତ୍ରୀ, ପ୍ରମୋଦ ଖୁଣ୍ଟିଆ, ରସାନନ୍ଦ ସାହୁ, ସତ୍ୟାନନ୍ଦ ମହାପାତ୍ର, ରଞ୍ଜନ ଦାଶ, ପ୍ରହ୍ଲାଦ ପଣ୍ଡା, ଦୀପ୍ତିମୟୀ କୁଅଁର ଓ ଏସ୍‌କେ ଜହର ଅଲ୍ଲି ପ୍ରମୁଖ ଉପସ୍ଥିତ ଥିଲେ।


ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ବିଧାୟକ ଆକାଶ ଦାସନାୟକ ଓ ଅନ୍ୟମାନେ ।

# କପର ତାର ସହ ଗାଡ଼ି ଜବତ, ୩ ଗିରଫ

**କଳିଙ୍ଗନଗର,୧।୨(ଶୁଭାଶିଷ ରାଉତ):**

କଳିଙ୍ଗନଗର ଶିଳ୍ପାଞ୍ଚଳ ଟାଟାଷ୍ଟିଲ କାରଖାନାରୁ ଚୋରି ହୋଇଥିବା ବିପୁଳ ଟଙ୍କାର କପର ତାର ସହ ଏକ ବୋଲେରୋ ଗାଡ଼ିକୁ କଳିଙ୍ଗନଗର ପୋଲିସ ଜବତ କରିଛି। ଏଥିସହିତ ଏହି ଘଟଣାରେ ରବିବାର ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କାଳିଆପାଣି ଥାନା ଗରାମିଆଁ ଗ୍ରାମର ନିଲମ ସଞ୍ଜୀବ ବଦ୍ରା(୨୩), କୁନୀଲ ମୁଣ୍ଡା(୨୧) ଏବଂ କଳିଙ୍ଗନଗର ଥାନା ବେଲହୁରୀ ଗାଁର ସିଦିଓ ସମ୍ଭାରି (୩୫)। ଜବତ ବୋଲେରୋ ଓଡି୦୪ଏସ ୭୧୭୭ରେ ପ୍ରାୟ ୮୦ କେଜି କପର ତାରକୁ ଲୋଡ୍ କରାଯାଇଥିଲା। ଗାଡ଼ି କାରଖାନାରୁ ବାହାରକୁ ଆସୁଥିବାବେଳେ ସୁରକ୍ଷା କର୍ମୀଙ୍କ ହାତରେ ଧରାପଡ଼ିଥିଲା। ଘଟଣା ସମ୍ପର୍କରେ କାରଖାନା କର୍ତ୍ତୃପକ୍ଷ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ୩ ଯୁବକଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ନଂ.୪୫୧/୨୬ରେ ଏକ ମାମଲା ରୁଜୁ କରାଯାଇଛି।

# ବରିଷ୍ଠ ନାଗରିକ ମଞ୍ଚର ବନ୍ଧୁମିଳନ, ଆଲୋଚନାଚକ୍ର

**ଚଣ୍ଡିଖୋଲ,୧।୨(ପ୍ରଦୀପ୍ତ କୁମାର ପୃଷ୍ଟି):**

ବାଲିଚନ୍ଦ୍ରପୁର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ଦରେଶ୍ୱର ନିକଟ ଲଙ୍ଗୁଳୀ ମଠ ପରିସରରେ ରବିବାର ବନ୍ଧୁମିଳନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମଞ୍ଚସଭାପତି ପ୍ରଫେସର ରବୀନ୍ଦ୍ର କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚ ସମ୍ପାଦକ ବିଷ୍ଣୁଚରଣ ମୁଦୁଲି ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ବିବରଣୀ ପାଠ କରିଥିଲେ। ମଞ୍ଚ ପକ୍ଷରୁ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ କାର୍ଯ୍ୟକର୍ତ୍ତା ଓ ଉପସ୍ଥିତ ସଦସ୍ୟ ଆଲୋଚନା କରିଥିଲେ। ସଦସ୍ୟ ଉପେନ୍ଦ୍ର ସ୍ୱାଇଁ, ବିଧାନ ଚନ୍ଦ୍ର ସାମଲ, ବିନ୍ଦୁମିତ୍ର ବଳ, ନଟବର ଦାଶ, ବିପିନ ବିହାରୀ ଜେନା, ରବୀନ୍ଦ୍ର ଶାନ୍ତି, ପ୍ରମୋଦ ପରିଡ଼ା, ଚନ୍ଦ୍ର ଶେଖର ରାଉତ, ଶୈଳେନ୍ଦ୍ର ନାରାୟଣ ରାୟ, ପ୍ରଶନ୍ନ ଶତପଥୀ, ଅନିରୁଦ୍ଧ ସାମଲ, ରମେଶ ଚନ୍ଦ୍ର ସାମଲ, ନାରାୟଣ ପ୍ରସାଦ ପରିଡ଼ା ପ୍ରମୁଖ ଯୋଗଦେଇ ସାମାଜିକ କାର୍ଯ୍ୟକ୍ରମ, ମନ୍ଦିର ସଫେଇ, ଟ୍ରାଫିକ ସଚେତନତା, ସ୍ୱାସ୍ଥ୍ୟ ସେବା ଶିବିର ଓ ପ୍ଲାଷ୍ଟିକ ମୁକ୍ତ ଆଦି ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନେତ୍ରାନନ୍ଦ ସିଂହ, ଧରଣୀଧର ପ୍ରଧାନ, ଦୀନବନ୍ଧୁ ବେହେରା, କାର୍ତ୍ତିକ ଚନ୍ଦ୍ର ସେଠୀ, ଶ୍ୟାମ ସୁନ୍ଦର ଦାସ, ଚିତ୍ତରଞ୍ଜନ ରାଉତ, ଶରତ ଦାସ, ଭରତ ଚନ୍ଦ୍ର ଜେନା, ବିଜୟ ସାହୁ, ଅରକ୍ଷିତ ସାମଲ ପ୍ରମୁଖ ସଦସ୍ୟ ଯୋଗଦେଇ ଉନ୍ନତୀମୂଳକ କାର୍ଯ୍ୟରେ ସହଯୋଗ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ପ୍ରଦୀପ୍ତ ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶନ୍ନ ପରିଡ଼ା ଧନ୍ୟବାଦ ଦେଇଥିଲେ।



# ମିଲର ଗାଡ଼ି ନ ପଠାଇବାରୁ ରାସ୍ତା ଅବରୋଧ


ଚାଷୀମାନେ ଧାନବସ୍ତା ରଖି ଯାଜପୁର-ସିଂହପୁର ମୁଖ୍ୟରାସ୍ତା ଅବରୋଧ କରିଛନ୍ତି ।

**ବିଞ୍ଝାରପୁର,୧।୨(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକରେ ମିଲର ଚାଷୀଙ୍କଠାରୁ ଧାନକ୍ରୟ ସମୟରେ ନାନା ସମସ୍ୟା ଉପୁଜୁଛି। କଟ୍‌ନୀ ଛଟ୍‌ନୀ ସହ ଖୋଟ ଏବଂ ଜରି ଅଖାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଥିଲାବେଳେ ଏବେ ଧାନ ନେବାକୁ ମିଲର ଠିକ ସମୟରେ ଗାଡି ନ ପଠାଇବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ରବିବାର ଅପରାହ୍ନରେ ମାଁସଡ଼ାସ୍ଥିତ ଖରିଆ ପ୍ରାଥମିକ କୃଷି ସମବାୟ ସମିତି ଚାଷୀ ଏସବୁ ସମସ୍ୟା ସମାଧାନ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ ସମବାୟ ସମିତି ସମ୍ମୁଖ ରାସ୍ତାରେ ଧାନବସ୍ତା ରଖି ରାସ୍ତା ଅବରୋଧ କରିଛନ୍ତି। ଏହି ସମିତି ଅଧୀନରେ ପଞ୍ଜୀକୃତ ଚାଷୀଙ୍କଠାରୁ ରବିବାର ଆଶୀର୍ବାଦ ମିଲ୍‌ର ମାଲିକ ଗାଡ଼ି ପଠାଇ ଧାନ ନେବାରେ ଥିଲା। ହେଲେ ଅପରାହ୍ନପର୍ଯ୍ୟନ୍ତ ମିଲ୍‌ର ମାଲିକ ଗାଡ଼ି ନ ପଠାଇବାରୁ ବାଧହୋଇ ଚାଷୀମାନେ ଯାଜପୁର-ସିଂହପୁର ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଖବରପାଇ ବିଞ୍ଝାରପୁର ବଜାର ନିରୀକ୍ଷକ ରଶ୍ମିପ୍ରଭା ସାହୁ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିବା ସହିତ ସୋମବାର ସକାଳେ ଗାଡ଼ି ଆସିବାର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତା ଅବରୋଧ ହଟିଥିଲା।

କେନରା ବैंक Canara Bank
सिंडिकेट Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ଆକ୍ଟ ୫୪) (ଏହାପରେ ଆକ୍ଟ କୁହାଯିବ)ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ, ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିଗୁଡିକୁ **ଦଖଲ** କରିଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର ଭୁବନେଶ୍ୱର କଟକ ରୋଡ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଭୁବନେଶ୍ୱର କଟକ ରୋଡ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
| --- | --- |
| **ଋଣଗ୍ରହୀତା: ମେସର୍ସ ଫୋଏନିକ୍ସ ଫିଲ୍ମ ଲାବ୍ସ ପ୍ରା.ଲିଃ.,** ପ୍ଲଟ୍ ନଂ.: ୪୬, ୨ୟ ମହଲା, ଇନ୍‌ଫୋସିଟି ରୋଡ୍, ପଟିଆ, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୪, **ନିର୍ଦ୍ଦେଶକମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ,** ପିତା: ୰ ରମାକାନ୍ତ ପଟ୍ଟନାୟକ, ହାଉସ ନଂ.: ୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା,** ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା,** ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ,** ପିତା: ୰ ରମାକାନ୍ତ ପଟ୍ଟନାୟକ, ହାଉସ୍ ନଂ.: | କ) **ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଲକ୍ଷ୍ମୀସାଗର, ଥାନା ନଂ.: ୫୨, ଏସ୍‌ଆରଓ: ଭୁବନେଶ୍ୱର, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୩୦, ଲକ୍ଷ୍ମୀସାଗର-୧, ଖାତା ନଂ.: ୧୫୯୩/୩୪୦, ପ୍ଲଟ୍ ନଂ.: ୨୧୧୬, କ୍ଷେତ୍ର: ଏକର୦.୦୫୮ ଡିସିମିଲି, ଅନୁରୂପ ପ୍ଲଟ୍ ନଂ.: ୨୧୧୬, ଖାତା ନଂ.: ୧୦୭୫, କ୍ଷେତ୍ର ଏକର୦.୧୮୮ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୧୧୭ ଏବଂ ପ୍ଲଟ୍ ନଂ.: ୪୩୯୩(ଅଂଶ), ପଶ୍ଚିମ: ପ୍ଲଟ୍ ନଂ.: ୨୧୧୮ ଏବଂ ପ୍ଲଟ୍ ନଂ.: ୨୧୨୫(ଅଂଶ), ଉତ୍ତର: ରାସ୍ତା ଏବଂ ପ୍ଲଟ୍ ନଂ.: ୨୧୧୭, ଦକ୍ଷିଣ: ଏ ସମ୍ମୁଖ ରାଓ, **CERSAI ID- 400022742250 / ଖ) ୦୬.୧୧.୨୦୨୫ / ଗ) ୩୧.୦୧.୨୦୨୬ / ଘ) ଟ.୨୦,୩୨,୩୭୨/- (କୋଡିଏ ଲକ୍ଷ ବତିଶ ହଜାର ତିନି ଶହ ବାସ୍ତରୀ ଟଙ୍କା ମାତ୍ର)** ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା,** ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା,** ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬, **୪) ଶ୍ରୀମତୀ ନମିତା ପଟ୍ଟନାୟକ,** ସ୍ୱାମୀ: ବିଜୟ କିଶୋର ବେହେରା, ପ୍ଲଟ୍ ନଂ.: ୨୯୪, ଫ୍ଲାଟ୍ ନଂ.: ୩୦୧, ତ୍ରିବିକ୍ରମ ଟେରାସ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬

**ସ୍ଥାନ: ଭୁବନେଶ୍ୱର, ତାରିଖ: ୩୧.୦୧.୨୦୨୬** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**

**ସଡ଼କ ଦୁର୍ଘଟଣାରେ ଟ୍ରାକ୍ଟର ଚାଳକ ମୃତ**

**ରାଜକନିକା,(ସଞ୍ଜୟ କୁମାର ଦାଶ):** ରାଜକନିକା ଥାନା ଅନ୍ତର୍ଗତ ଛଦେଶ ଗାଁରେ ରବିବାର ଗାଁର ଟ୍ରାକ୍ଟର ଚାଳକ ଦୁର୍ଯ୍ୟୋଧନ ଜେନା(୫୧) ରବିବାର ସକାଳ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ଘଟିଛି। ସେ ଟ୍ରାକ୍ଟର ଯୋଗେ ମାଟି ନେଇ ଯାଉଥିବା ଜାଗୁଲାଇପଡ଼ା–ଗୋପାଳପୁର ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡ଼ିଥିଲେ। ଟ୍ରାକ୍ଟର ଚକା ତଳେ ଚାପି ହୋଇ ଯାଇଥିଲେ। ଏନେଇ ତାଙ୍କ ପୁଅ ମଳୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏତଲା ଆଧାରରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟରକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ କରୁଥିବା ଏସ୍‌ଆଇ ମୌସମ କୁମାର କାର୍ଲୋ ସୂଚନା ଦେଇଛନ୍ତି।

# ନର୍ଦ୍ଦମା ନାଳ ଭିତରେ ଯାଉଛି ପାଣି ପାଇପ୍

▪ ପାନୀୟ ଜଳ ପ୍ରଦୂଷଣ ଆଶଙ୍କା

▪ ଗ୍ରାମ୍ୟ ରାସ୍ତାକୁ ଖୋଳି ଦେଉଛନ୍ତି

**ପଟ୍ଟାମୁଣ୍ଡାଇ, ୧।୨ (କଳ୍ପତରୁ ନାୟକ)**

ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ ସରକାର ବିଭିନ୍ନସ୍ଥାନରେ ମେଗା ପାନୀୟଜଳ ପ୍ରକଳ୍ପର ପରିକଳ୍ପନା କରିଛନ୍ତି। ଏ ନେଇ ପଟ୍ଟାମୁଣ୍ଡାଇ ୩୧ ପଞ୍ଚାୟତକୁ ପାନୀୟଜଳ ଯୋଗାଣ ପାଇଁ ପ୍ରାୟ ୧୬୫ କୋଟି ଟଙ୍କା ବ୍ୟୟରେ ମେଗା ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏ ନେଇ ସମସ୍ତ ଗ୍ରାମକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ପାଣି ପାଇପ ସଂଯୋଗ କରାଯାଉଛି। ମାତ୍ର କାମ କରୁଥିବା ଠିକା ସଂସ୍ଥାର ମନମୁଖୀ କାମ ଯୋଗୁ ଏହି ପାଣି ପାଇପଗୁଡ଼ିକ କେଉଁଠି ନର୍ଦ୍ଦମା ଭିତରେ ପକାଯାଉଛି ତ ଆଉ କେଉଁଠାରେ ସେପଟିକ୍ ନାଳ ଭିତରୁ ଯାଇ ଘରେ ପଶୁଛି। ଅନେକ ପାଇପ ଲାଇନ୍ ଭୂତଳ ନର୍ଦ୍ଦମା ଦେଇ ଯାଉଥିବାରୁ ବିଭିନ୍ନ ପଞ୍ଚାୟତରେ ଅସନ୍ତୋଷ ପ୍ରକାଶ ପାଉଛି।

ପଟ୍ଟାମୁଣ୍ଡାଇ ବ୍ଲକର ୨୦ଟି ପଞ୍ଚାୟତର ଶତାଧିକ ଗାଁକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ଲକ୍ଷ୍ୟରେ ବାଛରାଠାରେ ମେଗା ପ୍ରକଳ୍ପ ନିର୍ମାଣ କରାଯାଉଛି। ଏଥିପାଇଁ ବ୍ରାହ୍ମଣୀ ଜଳକୁ ବ୍ୟବହାର କରାଯିବ ବୋଲି ସୂଚନା ମିଳିଛି। ଏହି ମେଗା ପ୍ରକଳ୍ପକୁ ଲକ୍ଷ୍ମୀ କନଷ୍ଟ୍ରସନର ପ୍ରୋଜେକ୍ଟ



ଠିକାସଂସ୍ଥା କାମ ନେଇଥିବାବେଳେ ୨୦ ପଞ୍ଚାୟତକୁ ପାଇପ ବିଛାଇବା କାମ ଆରମ୍ଭ କରିଛି। ମାତ୍ର ଠିକା ସଂସ୍ଥାର ମନମୁଖୀ କାମ ଯୋଗୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ରବିବାର ଖଡିଅଣ୍ଟା ଗ୍ରାମରେ ପାଇପ ବିଛା ଯାଉଥିଲା। ପାଇପ୍‌ଗୁଡିକ ନର୍ଦ୍ଦମା ପାଣି ନୟନଯୋରି ଭିତରରେ ଦେଇ ବିଛା ଯାଉଥିଲା। ନର୍ଦ୍ଦମା ଭିତରେ ଅତି ବିପଦଜନକ ଭାବେ ପାଇପଗୁଡ଼ିକ ପଡୁଥିବାରୁ ପାନୀୟ ଜଳ ପ୍ରଦୂଷଣ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଲୋକେ ବିରୋଧ କରିଥିଲେ। ମାତ୍ର ଠିକା ସଂସ୍ଥାର ସୁପରଭାଇଜର ଓ କର୍ମଚାରୀ ଏହାକୁ ଭ୍ରୂକ୍ଷେପ ନ କରି ତରତର ହୋଇ କାମ ସାରିବାକୁ ଚେଷ୍ଟା କରିଥିଲେ। ମାତ୍ର ପାନୀୟ ଜଳ ପାଇପର ପାଣି ପ୍ରଦୂଷିତ ହୋଇ ଧନଜୀବନ କ୍ଷତି ହେବାର ଆଶଙ୍କା ଥିବାରୁ ଗ୍ରମାବସୀ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କୁ ଜଣାଇଥିଲେ। ଏଥିସହ ସ୍ୱତନ୍ତ୍ର ଅନୁଧ୍ୟାନ କରି ନର୍ଦ୍ଦମା ନାଳ ମଧ୍ୟରେ ଥିବା ପାଇପ ଲାଇନଗୁଡ଼ିକୁ ତୁରନ୍ତ ବଦଳାଇବାକୁ ଦାବି କରିଥିଲେ। ତେବେ ସଂସ୍ଥା ପକ୍ଷରୁ ଜେସିବି ଯୋଗେ ବିଭିନ୍ନ ଗ୍ରାମରେ ପାଇପ ବିଛା ଯାଉଥିବାବେଳେ ଗ୍ରାମ୍ୟ ରାସ୍ତାରେ ଯିବା ଆସିବା କରିବା ବର୍ତ୍ତମାନ ସବୁଠୁ ବଡ଼ ସମସ୍ୟା ହୋଇଛି। ପ୍ରତି ଗାଁରେ ସିମେଣ୍ଟ କଂକ୍ରିଟ ରାସ୍ତା ଭାଙ୍ଗି ପାଇପ ବିଛାଯିବାକୁ ନେଇ ଅସନ୍ତୋଷ ବଢୁଛି। ଉକ୍ତ ସଂସ୍ଥା ଦ୍ୱାରା ରାସ୍ତା ଖୋଳାଯାଇ ପାଇପ ବିଛା ସରିବା ପରେ ମରାମତି କରାଯାଉ ନ ଥିବା ଅଭିଯୋଗ ହୋଇଛି। ମାଟି ରାସ୍ତାକୁ ଠିକ୍ ଢଙ୍ଗରେ ବନ୍ଦ କରିଦେଉଥିଲେ ମଧ୍ୟ କଂକ୍ରିଟ ରାସ୍ତାକୁ ନଷ୍ଟ କରାଯାଉଥିବା ସ୍ଥାନୀୟ ବାସିନ୍ଦା ଶୁକାନ୍ତ ସାମଲ, ଅଶୋକ ମହାନ୍ତି, ଶୁଭେନ୍ଦୁ ମହାନ୍ତି, କାଳନ୍ଦି ମଲ୍ଲିକ, ଅଜୟ ନାୟକ, ସରୋଜ ରାଉତ ପ୍ରମୁଖ କହିଛନ୍ତି। ଅନ୍ୟପକ୍ଷରେ ଗ୍ରୀଷ୍ମ ଆରମ୍ଭ ପୂର୍ବରୁ ପାନୀୟ ଜଳ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଏବଂ କ୍ରିୟାଶୀଳ କରାଯିବା ନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ମେଗା ପାନୀୟଜଳ ପ୍ରକଳ୍ପକୁ ନେଇ ଶନିବାର ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତିର ଏକ ଅଧିବେଶନ ଆହ୍ୱାନ କରାଯାଇଥିଲା। ସେଥିରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓ ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ ଓ ଲକ୍ଷ୍ମୀ କନଷ୍ଟ୍ରକଶନର ପ୍ରକଳ୍ପ ମ୍ୟାନେଜର ଯୋଗଦେଇ ଆଲୋଚନା କରିଥିଲେ। ସରପଞ୍ଚମାନେ ରାସ୍ତା ଖୋଳାଯାଉଥିବା ଓ ପାଇପ ବିଛାଯିବା ପରେ ଠିକାଦାର ରାସ୍ତା ମରାମତି ନ କରିବା, ଭୂପୃଷ୍ଠରୁ ୩ଫୁଟ ଗଭୀରରେ ପାଇପ ବିଛାଯିବା ପାଇଁ ଅଟକଳ ଥିବାବେଳେ ଠିକାଦାର ମାତ୍ର ୧ରୁ ଦେଢ଼ ଫୁଟ୍ ଗଭୀରରେ ପାଇପ ବିଛାଉଛି। ନୟନଯୋରି ନର୍ଦ୍ଦମା ପାଣିରେ ପାଇପ ବିଛାକୁ ଅଭିଯୋଗ କରାଯିବା ସହିତ ନିର୍ମାଣ ଦାୟିତ୍ୱରେ କମ୍ପାନୀ ଅଧିକାରୀଙ୍କ ଗର୍ଜି ଥିଲେ। ଏ ନେଇ ରାଜନଗର ଓ କେନ୍ଦ୍ରାପଡ଼ା ବିଧାୟକ ବିଭାଗୀୟ ଅଧିକାରୀ ଏବଂ ଠିକା ସଂସ୍ଥାର କର୍ମକର୍ତ୍ତାଙ୍କୁ କଡ଼ା ନିର୍ଦ୍ଦେଶ ଦେବା ସହ ଆକଳନ ଅନୁଯାୟୀ ଠିକ୍ ଢଙ୍ଗରେ ଖୁବ୍‌ଶୀଘ୍ର କାମ ସାରିବାକୁ କହିଥିଲେ।

## ତୁଳସୀ କ୍ଷେତ୍ରାଧିପତିଙ୍କ କନ୍ଦରାସୁର ବଧ ବେଶ



**କେନ୍ଦ୍ରାପଡ଼ା, ୧।୨ (ଜଗନ୍ନାଥ ଧଳ)**

ପବିତ୍ର ମାଘ ପୂର୍ଣ୍ଣିମା ଅବସରରେ ତୁଳସୀ କ୍ଷେତ୍ରାଧିପତି ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉଙ୍କ କନ୍ଦରାସୁର ବଧ ବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ମନ୍ଦିର ପହଡ ଫିଟାଯାଇ ପୂଜାପଣ୍ଡାମାନେ ଶ୍ରୀଜୀଉଙ୍କ ମଙ୍ଗଳ ଆରତୀ କରିଥିଲେ। ଦୈନିକ ରୀତିନୀତି ସହ ଅପରାହ୍ନରେ ଶ୍ରୀଜୀଉଙ୍କ ଏହି ବେଶ ସମ୍ପନ୍ନ ହୋଇଥିଲା। ମଣି ସିଂହାସନରେ ବିରାଜିତ ଶ୍ରୀଜୀଉଙ୍କ ଶ୍ରୀଚରଣ, ଶ୍ରୀଭୂଜ, ତୁଳସୀ ଦେବୀଙ୍କ ବିଗ୍ରହ ସହ କାଷ୍ଠ ନିର୍ମିତ କନ୍ଦରାସୁରର ବଧ ବେଶରେ ସଜ୍ଜିତ ହୋଇଥିଲେ। ବାମ ହସ୍ତରେ କନ୍ଦରାସୁରର ମସ୍ତକକୁ ଧାରଣ କରି ଦକ୍ଷିଣ ହସ୍ତରେ ଲଙ୍ଗଳ ଦ୍ୱାରା ବଧ ବେଶ ଅତ୍ୟନ୍ତ ଚିତାକର୍ଷକ ଥିଲା। ଏଥିସହ ବେଶ ରୀତିନୀତି ଅନୁଯାୟୀ, ସାନୁଜ ଶ୍ରୀଜଗନ୍ନାଥ ବାମ ହସ୍ତରେ ଚକ୍ର, ଦକ୍ଷିଣ ହସ୍ତରେ ଶଙ୍ଖ ସହ ଶୋଭା ପାଉଥିଲେ। କନ୍ଦରାସୁରର ପାଳିତା କନ୍ୟା ତୁଳସୀ ଦେବୀ ବରଣମାଳା ସହ ଦକ୍ଷିଣ ପାର୍ଶ୍ୱରେ ରହିଥିଲେ। ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ମହାଭାରତ ଯୁଦ୍ଧରେ ଶ୍ରୀବଳରାମ ଭାଗ ନ ନେଇ ବିଭିନ୍ନ ତୀର୍ଥକ୍ଷେତ୍ର ଭ୍ରମଣରେ ଥିଲେ। ଏହି ସମୟରେ ସ୍ଥାନୀୟ କନ୍ଦରାପଡ଼ାରେ ପ୍ରବଳ ପ୍ରତାପୀ କନ୍ଦରାସୁର ଓ ସେନାପତି ଜନ ଉତ୍ପୀଡନରେ ମାତିଥିଲେ। ଏଠାରେ ଥିବା ମୁନୀ ଋଷିଙ୍କ ଜୀବନଚର୍ଯ୍ୟାକୁ ବ୍ୟାହତ ସହ ଯଜ୍ଞକୁ କନ୍ଦରାସୁରଙ୍କ ଆଦେଶ ଅନୁଯାୟୀ ନଷ୍ଟ କରାଯାଉଥିଲା। ମୁନୀ ଋଷିଙ୍କ ପ୍ରାର୍ଥନା କ୍ରମେ ଶ୍ରୀବଳରାମ ନିକଟସ୍ଥ ଲଳିତଗିରିରେ ଅବସ୍ଥାନ କରୁଥିବା ସେନାପତି ମଧୁଦୈତ୍ୟକୁ ମାରିବା ସହ କନ୍ଦରାସୁର ବଧ କରିଥିଲେ। ପରେ ପାଳିତା କନ୍ୟା ତୁଳସୀଦେବୀଙ୍କୁ ବିବାହ କରିଥିଲେ। ଏହି ବେଶ ଦେଖିବା ପାଇଁ ମନ୍ଦିରରେ ଅପରାହ୍ନରୁ ରାତ୍ର ଯାଏ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

## ଡେରାବିଶ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଡେରାବିଶ,୧।୨(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ଶନିବାର ଅବସରଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ମହାବିଦ୍ୟାଳୟ ପକ୍ଷରୁ ଏକ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଉତ୍ସବରେ କଲେଜର ନୂତନ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାର ଗ୍ରହଣ କରିଥିବା ବରିଷ୍ଠ ଅଧ୍ୟାପକ ନଗେନ୍ଦ୍ର ନାଥ ପାଣି ପୌରୋହିତ୍ୟ କରିଥିଲେ। ଉତ୍ସବରେ ତୁଳସୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଜୟ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଧ୍ୟକ୍ଷ ନାୟକ କାର୍ଯ୍ୟକାଳ ମଧ୍ୟରେ କଲେଜ ନାକର ବି ପ୍ଲସ ମାନ୍ୟତା ପାଇବା, ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ ଓ ଭିତ୍ତିଭୂମି ବିକାଶ କାର୍ଯ୍ୟକୁ ଶିର୍ଷାଭିମୁଖି କରିବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଡ. ପ୍ରଜ୍ଞା ପଟ୍ଟନାୟକ, ଅଧ୍ୟାପକ ବିଶ୍ୱଜିତ ସାହୁ, ସଞ୍ଜୟ କୁମାର ମିଶ୍ର, ଗୁରୁଚରଣ ସେଠୀ, ଅଧ୍ୟାପକ ଡ. ସନ୍ଦୀପ ବଳ, ଡ. କିଶୋର କୁମାର ମଲିକ, ଡ. କିଶୋର କୁମାର ବେଦାନ୍ତ, ପୂର୍ବତନ ଅଧ୍ୟାପକ ଅଶ୍ୱିନୀ କୁମାର ପୃଷ୍ଟି, ବିକ୍ରମ ମହାନ୍ତି, ଧନେଶ୍ୱର ନାୟକ, ଶାନ୍ତନୁ କୁମାର ମାଟି ଓ ଶରତ କୁମାର ପୃଷ୍ଟି ପ୍ରମୁଖ ବିଦାୟୀ ଅଧ୍ୟକ୍ଷ ନାୟକଙ୍କ ଦକ୍ଷତା, କର୍ତ୍ତବ୍ୟନିଷ୍ଠା, ଛାତ୍ର ବତ୍ସଳତା ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଅବସରଗହଣକାରୀ ଅଧ୍ୟକ୍ଷ ନାୟକ ଡେରାବିଶ କଲେଜରେ ତାଙ୍କ ୩ ବର୍ଷର କାର୍ଯ୍ୟକାଳ ମଧ୍ୟରେ ନିଜ ସହକର୍ମୀ ଓ କର୍ମଚାରୀଙ୍କଠାରୁ ପାଇଥିବା ବନ୍ଧୁତ୍ୱପୂର୍ଣ୍ଣ, ଆତ୍ମୀୟ, ସମ୍ମାନପୂର୍ଣ୍ଣ ବ୍ୟବହାର ଓ ସାହାଯ୍ୟ ସହଯୋଗ ଏବଂ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କଠାରୁ ପାଇଥିବା ଭଲପାଇବା ତାଙ୍କୁ ସର୍ବଦା ମନେ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ଅବସରପ୍ରାପ୍ତ ଅଧ୍ୟକ୍ଷ ନାୟକଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉତ୍ତୋରୀୟ ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଅଭିଭାବକ ଉପସ୍ଥିତ ଥିଲେ। ଉତ୍ସବ ଶେଷରେ ମହାବିଦ୍ୟାଳୟ ଅଧ୍ୟାପିକା ସୁହାସିନୀ ମିଶ୍ର ଧନ୍ୟବାଦ ଦେଇଥିଲେ।



ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥି।

## ଲକ୍ଷ୍ୟ ସ୍ଥିର ରଖି କଠିନ ପରିଶ୍ରମ କର



ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଆଳି ବିଧାୟକ ପ୍ରତାପ କେଶରୀ ଦେବ ଓ ସମ୍ବର୍ଦ୍ଧିତ ପ୍ରତିଭାମାନେ।

▪ ପିଏମ୍ ଶ୍ରୀ ବରାଡ଼ିଆ ନୋଡାଲ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ

**ରାଜକନିକା, ୧।୨(ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାଶ)**

ଲକ୍ଷ୍ୟ ସ୍ଥିର ରଖି କଠିନ ପରିଶ୍ରମ ଦ୍ୱାରା ଜ୍ଞାନ ଆହରଣ କରିବାରେ ଛାତ୍ରୀଛାତ୍ର ମନୋନିବେଶ କରିଲେ ଶିଖର ଛୁଇଁପାରିବେ ବୋଲି ରବିବାର ରାଜକନିକା ବ୍ଲକସ୍ଥିତ ବରାଡିଆ ପଞ୍ଚାୟତ ପିଏମ୍ ଶ୍ରୀ ବରାଡ଼ିଆ ନୋଡାଲ ଉଚ୍ଚ ବିଦ୍ୟାଳୟ, ମଧୁପଡ଼ାର ସୁବର୍ଣ୍ଣ ଜୟନ୍ତୀ ତ୍ରିଦିବସୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ, ବାଚସ୍ପତି ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ସଭାକୁ ସମ୍ବୋଧିତ କରିଥିଲେ। ଏହି ବିଦ୍ୟାଳୟ ୫୭ ବର୍ଷରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ସମ୍ପନ୍ନ କରିଥିବାରୁ ମୁଖ୍ୟବକ୍ତା ଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ସୂଚନା ଅଧିକାର କମିଶନର ପରାମର୍ଶଦାତା ଜଗଦାନନ୍ଦ ଓ ସମ୍ମାନିତ ଅତିଥି ଭାବେ ଓୟୁଏଚିରେ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଯୋଗଦେଇଥିଲେ। ଏହିକ୍ରମରେ ପୁରାତନ ଛାତ୍ର ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ସୁରେଶ ଚନ୍ଦ୍ର ମିଶ୍ର ଉତ୍ସବରେ ସଭାପତିତ୍ୱ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟିର ସମ୍ପାଦକ ପୁରାତନ ଛାତ୍ର ପ୍ରଧାପକ ଡ. ଅଜୟ କୁମାର କୁଣ୍ଡ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରଧାନ ଶିକ୍ଷକ ଅମିୟ ରଞ୍ଜନ ଦାସ ସ୍ୱାଗତ ଭାଷଣ ରଖିଥିଲେ। କମିଟିର ଉପସଭାପତି ପୁରାତନ ଛାତ୍ର ମଙ୍ଗୁଳି ଚରଣ ବେହେରା ଅତିଥି ପରିଚୟ ପ୍ରଦାନ ତଥା ସମ୍ବର୍ଦ୍ଧନା ସଭାକୁ ସଂଯୋଜନା କରି ମାନପତ୍ର ପାଠ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ଭାବେ ପୂର୍ବତନ ଅବସରପ୍ରାପ୍ତ ଶିକ୍ଷକ ନୀରୋଦ କୁମାର ମିଶ୍ରଙ୍କୁ ମରଣୋତ୍ତର ସମ୍ମାନ ପାଇଁ ତାଙ୍କ ସୁପୁତ୍ରୀ ସସ୍ମିତା ଓ ବିଶ୍ୱନାଥ ବେହେରାଙ୍କୁ ମରଣୋତ୍ତର ସମ୍ମାନ ପାଇଁ ତାଙ୍କ ସୁପୁତ୍ର ବିଜୟଙ୍କୁ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ସହ ସମ୍ମାନିତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତ୍ରିଲୋଚନ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ସମସ୍ତ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଶ୍ରୀବଳରାମଙ୍କ କେନ୍ଦ୍ରାପଡ଼ା ସମ୍ପର୍କକୁ ଗବେଷଣା ହେଉ

▪ କନ୍ଦରାସୁର ପୋଡ଼ି କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ୧।୨ (ଜଗନ୍ନାଥ ଧଳ)**

ନିଖିଳ ଓଡ଼ିଶା ତୁଳସୀ ବଳଦେବଜୀଉ ସାମାଜିକ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ସହରର କାକଟ ମଙ୍ଗଳା ମନ୍ଦିର ସମ୍ମୁଖରେ କନ୍ଦରାସୁର ପୋଡ଼ି କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଆଇନଜୀବୀ ନେପାଳ ପ୍ରକାଶ ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ପୌରାଧ୍ୟକ୍ଷ ଆଇନଜୀବୀ ଧୀରେନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଗବେଷକ ଡ. ବାସୁଦେବ ଦାସ, ଚାରିନଇଁଳ ମଠ କର୍ମକର୍ତ୍ତା ମହେଶ୍ୱର ମହାପାତ୍ର, କାହ୍ନୁଚରଣ ଦାସ, କାଉନସିଲର ଉମେଶ ଚନ୍ଦ୍ର ନାୟକ, ସୁକୁମାର ଦାସ, ରମେଶ ଚନ୍ଦ୍ର ଦାସ, ପ୍ରଦୀପ କୁମାର ନାୟକ, ଆଇନଜୀବୀ ହାଡିବନ୍ଧୁ ସିଂ, ବିପଦ ଭଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ କେନ୍ଦ୍ରାପଡ଼ାକୁ ଆଗମନ, କନ୍ଦରାସୁର ବଧ, ଶରୀରକୁ ବିଭିନ୍ନ ସ୍ଥାନରେ କ୍ଷେପଣ, ପାଳିତା କନ୍ୟା ତୁଳସୀଙ୍କ ସହ ବିବାହ ଲୋକକଥା ଉପରେ ଗବେଷଣା ପାଇଁ ଆହ୍ୱାନ ସୃଷ୍ଟି କରିଛି। ଏହି କାର୍ଯ୍ୟକ୍ରମରେ ମା' କାକଟ ମଙ୍ଗଳା କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।



କନ୍ଦରାସୁର ପୋଡ଼ି ଉତ୍ସବରେ ମଞ୍ଚାସୀନ ଅତିଥି।

## ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ

**ଆଳି,୧।୨(ବନମାଳୀ ସେନାପତି )**

ଆଳି ବ୍ଲକ ଏକମାଣିଆ ଗାଁର ବ୍ରହ୍ମାନନ୍ଦ ଜେନା(୮୦)ଙ୍କର ଶନିବାର ପରଲୋକ ଘଟିଛି। ଜେନା ଜଣେ ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ପରଲୋକ ଖବରପାଇ ସରପଞ୍ଚ ପ୍ରତିନିଧି ପ୍ରମୋଦ ବିଶ୍ୱାଳ, ପୂର୍ବତନ ସରପଞ୍ଚ କେଶବ ଚରଣ ନାୟକ, ସୁକାନ୍ତ ମଲ୍ଲିକ, କଂଗ୍ରେସ ନେତା ମାନଗୋବିନ୍ଦ ଦାସ, ବଟକୃଷ୍ଣ ରାଉତ ପ୍ରମୁଖ ଜେନାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ ସମ୍ପନ୍ନ ହୋଇଥିବାବେଳେ ବଡ଼ ପୁଅ ବାଲ୍ମୀକ ମୁଖାଗ୍ନି ଦେଇଥିଲେ।

## ଉପକୂଳ ସୁରକ୍ଷା ସଚେତନତା ସାଇକେଲ ଯାତ୍ରା

**ରାଜକନିକା,୧।୨(ସଞ୍ଜୟ କୁମାର ଦାଶ)**

ଦେଶର ସାମୁଦ୍ରିକ ସୀମାନ୍ତରେ ସତର୍କତା ବଢ଼ାଇବା ଓ ଜନଭାଗିଦାରୀ ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସିଆଇଏସ୍‌ଏଫ୍ ପକ୍ଷରୁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ 'ବନ୍ଦେ ମାତରମ୍ ଉପକୂଳ ସାଇକ୍ଲୋଥନ୍–୨୦୨୬' ରବିବାର ରାଜକନିକାରେ ପହଞ୍ଚିବା ପରେ ଏହାକୁ ଏକ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ପଶ୍ଚିମବଙ୍ଗର ବଖାଲିରୁ ବାହାରିଥିବା ଏହି ସାଇକେଲ ଯାତ୍ରା ରବିବାର ସକାଳେ ରାଜକନିକାରେ ପହଞ୍ଚିବା ପରେ ପ୍ରଥମେ ନେତାଜୀ



କନିକା ରାଜପ୍ରାସାଦରେ ସାଇକ୍ଲୋଥନ୍‌କୁ ସମ୍ବର୍ଦ୍ଧିତ କରାଯାଉଛି।

କ୍ଲବର ସଦସ୍ୟମାନେ ଯବାନମାନଙ୍କୁ ସ୍ୱାଗତ କରିଥିଲେ। କନିକା ରାଜପ୍ରାସାଦ ପରିସରରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ଯବାନମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଉତ୍ସାହିତ କରିଥିଲେ। ଏହି ଅବସରରେ ସିଆଇଏସ୍‌ଏଫ୍ ପକ୍ଷରୁ ରାଜା ଭଞ୍ଜଦେଓଙ୍କୁ ସ୍ମାରକୀ ଫଳକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଆଇଏସ୍‌ଏଫ୍ କମାଣ୍ଡର ସନତ ପଟେଲ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଆକାଶ ଜେସ୍‌ୱାଲ, ଇନ୍ସପେକ୍ଟର କେ.ସି. ମୁଣ୍ଡ ଓ ତରାସ ସରପଞ୍ଚ ମନୋରମା ନାୟକଙ୍କ ସମେତ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଯବାନମାନଙ୍କ ସାହସିକତାକୁ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୦ ମହିଳା ଯବାନ ଓ ୫୦ ପୁରୁଷ ଯବାନ ସାମିଲ ଥିଲେ। 'ନାରୀ ଶକ୍ତି'ର ଏହି ଅପୂର୍ବ ପ୍ରଦର୍ଶନ ଉପକୂଳବାସୀଙ୍କ ମଧ୍ୟରେ ନୂଆ ଉତ୍ସାହ ଓ ଉନ୍ମାଦନା ସୃଷ୍ଟି କରିଛି। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ 'ବନ୍ଦେ ମାତରମ୍'ର ୧୫୦ତମ ଜୟନ୍ତୀ ଅବସରରେ ଏହି ଯାତ୍ରା ସାରା ଭାରତ ବର୍ଷରେ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକୁ ଯୋଡ଼ିବା ପାଇଁ ଲକ୍ଷ୍ୟ ରଖିଛି। ଜାନୁଆରୀ ୨୮ରୁ ଫେବୃଆରୀ ୨୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସାଇକ୍ଲୋଥନ୍ ପଶ୍ଚିମବଙ୍ଗରୁ ଆରମ୍ଭ ହୋଇ ଓଡ଼ିଶା ଦେଇ ଆନ୍ଧ୍ର, ତାମିଲନାଡୁ, କେରଳ ଓ ମହାରାଷ୍ଟ୍ର ଅତିକ୍ରମ କରି ଗୁଜରାଟରେ ସମାପ୍ତ ହେବ। ଏହି ଦୀର୍ଘ ୬,୬୦୦ କିଲୋମିଟର ଯାତ୍ରା ମାଧ୍ୟମରେ ଉପକୂଳ ସୁରକ୍ଷା କ୍ଷେତ୍ରରେ ସାଧାରଣ ଜନତାଙ୍କୁ ସଜାଗ ଓ ସତର୍କ କରାଯାଉଥିବା ସିଆଇଏସ୍‌ଏଫ୍ ପକ୍ଷରୁ କୁହାଯାଇଛି।

## ବଳି-ବାସୁଳି ବିବାହ ଉତ୍ସବ

▪ ବିବାହ ପର ୩ ଦିନ ଯାଏ ପୀଠକୁ ଯିବାକୁ ବାରଣ

▪ ଅଞ୍ଚଳରେ ବିବାହ ନ ସରିବା ଯାଏ କୌଣସି ମାଙ୍ଗଳିକ କାର୍ଯ୍ୟ ହୁଏନି

**ରାଜକନିକା,୧।୨(ସଞ୍ଜୟ କୁମାର ଦାଶ)**



କେନ୍ଦ୍ରାପଡ଼ା ଜିଲା କନିକା ଇଲାକା ପରିଚିତ ହେବା ଦିନଠୁ ଈଶ୍ୱରୀୟ ବିଶ୍ୱାସ ଆଧାରରେ ଦେବୀଙ୍କ ସହ ଜଣେ ମାନବର ବିବାହ ଭଳି ଅଲୌକିକ ପରମ୍ପରା ପାଳିତ ହୋଇଆସୁଛି। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିବା ଏଭଳି ଏକ ପାରମ୍ପରିକ ଉତ୍ସବ ରାଜକନିକା ବ୍ଲକ ଜୟନଗର ପଞ୍ଚାୟତସ୍ଥିତ ବଜରପୁର ଗାଁର ଅଧିଷ୍ଠାତ୍ରୀ ଦେବୀ ମା' ବାସୁଳିଙ୍କର ବିବାହକୁ ନେଇ ଖୁବ୍ ଉତ୍ସାହ ଭରିଦେଇଛି। ବୈଦିକ ରୀତିନୀତିରେ ବିବାହ ଉତ୍ସବର ରବିବାର ରାତିରେ ପୀଠରେ ଦେବୀଙ୍କ ସହ ରିଘାଗଡ଼ର କୁମ୍ଭାର ରାଜପୁତ୍ରଙ୍କ ସହ ବିବାହ କରାଇବାକୁ ବ୍ୟାପକ ପ୍ରସ୍ତୁତି ଶେଷ ହୋଇଛି। ମାଘ ପୂର୍ଣ୍ଣିମା ରାତିରେ ଅନୁଷ୍ଠିତ ହୋଇ ଆସୁଥିବା ମା'ଙ୍କ ବିବାହୋତ୍ସବ ଜନମାନସରେ ଏକ ସାଂସ୍କୃତିକ ଭାବଧାରାର ପରିଚୟ ଦେଇଆସିଛି। ଏହି ବିବାହ ନ ସରିବା ଯାଏ ସ୍ଥାନୀୟ ୨୨ ଖଣ୍ଡ ମୌଜାରେ କୌଣସି ମାଙ୍ଗଳିକ କାର୍ଯ୍ୟ କରାଯାଇ ନ ଥାଏ।

କିମ୍ବଦନ୍ତୀ ଅନୁସାରେ, ଏକଦା କନିକା ରାଜା ଭଞ୍ଜ ବଂଶର ଶାସନରେ ରହିଥିବା ତତ୍କାଳୀନ କନିକା ଇଷ୍ଟେଟ ରାଜଧାନୀ ଥିବା ବଳରଗଡ଼ (ବଜରପୁର) ରାଜବଂଶର ଇଷ୍ଟଦେବୀ ଭାବେ ମା' ବାସୁଳି ପୂଜା ପାଉଥିଲେ। ସେ ସମୟରେ ନଦୀପଥ ମଧ୍ୟରେ ଯାତାୟାତର ଏକମାତ୍ର ସାଧନ ଥିବାରୁ ବଳି-ବାସୁଳି ବିବାହ ଉତ୍ସବ ବ୍ରାହ୍ମଣୀ–ବୈତରଣୀ ନଦୀର ସଂଯୋଗସ୍ଥଳ ବଳରଗଡ଼ରେ ରାଜଧାନୀ ହୋଇଥିଲା। ନଦୀ ପରିବେଷ୍ଟିତ ଥିବା ଏହି ଭୂଖଣ୍ଡରେ ଘଞ୍ଚ ଜଙ୍ଗଲ ଥିବାରୁ ମା' ଅପରୂପା ଯୁବତୀ ବେଶରେ ସନ୍ଧ୍ୟା ଭ୍ରମଣରେ ବିହାର କରୁଥିବା ବେଳେ ନଦୀ ଆରପାରିର ରାଜୁତି କରୁଥିବା ରିଘାଗଡ଼ର କୁମ୍ଭାର ରାଜବଂଶର ରାଜା ବଳି ଓ ତାଙ୍କ ଭାଇ କନିକା ପଟକୁ ପାରି ହୋଇ ଆସିଥିଲେ। ମା'ଙ୍କ ଯୁବତୀ ରୂପରେ ଆକୃଷ୍ଟ ହୋଇ ତାଙ୍କୁ ବିବାହ କରିବାକୁ ମନ ବଳାଇଥିଲେ। ତେବେ ମା' ନିଜ ପରିଚୟ ଦେଇ ଦେବୀ ହୋଇଥିବାରୁ ଏଭଳି ବିବାହକୁ ବାରଣ କରିଥିଲେ। ଅବୁଝା ନ୍ୟାୟରେ ରାଜା ବଳି ନିଜ ଜିଦରେ ବିବାହ କରିବାକୁ ଅଟଳ ରହିବାରୁ ମା' ସମ୍ମତି ଜଣାଇ ଏକ ଅଭିନବ ସର୍ତ୍ତ ରଖିଥିଲେ। ସର୍ତ୍ତ ଅନୁଯାୟୀ, ବିବାହ ସମ୍ପନ୍ନ ହୋଇଥିଲେ ମଧ୍ୟ ବାସର ରାତିରେ ବଳି ମା'ଙ୍କୁ ଛୁଇଁବା ମାତ୍ରକେ ଭସ୍ମ ହୋଇଯାଇଥିଲେ। ସେହି ଅଞ୍ଚଳର ୨୨ଖଣ୍ଡ ମୌଜାର ଅଧିବାସୀ କନିକାର ବଳି-ବାସୁଳି ବିବାହ ଯୋଗୁ ମା'ଙ୍କ ପୀଠ ଚଳଚଞ୍ଚଳ ହୋଇ ଉଠିଛି। ବିବାହ ପର ୩ ଦିନ ଯାଏ ପୀଠକୁ ଯିବାକୁ ବାରଣ ଥାଏ। ବିବାହ ନ ସରିବା ଯାଏ ଅଞ୍ଚଳରେ କୌଣସି ମାଙ୍ଗଳିକ କାର୍ଯ୍ୟ ହୁଏନାହିଁ। ପରମ୍ପରା କ୍ରମରେ ପ୍ରତିବର୍ଷ ମାଘ ପୂର୍ଣ୍ଣିମାରେ ରିଘାଗଡ଼ର କୁମ୍ଭାର ରାଜବଂଶର ପ୍ରତୀକ ରାଜପୁତ୍ରଙ୍କୁ ବର ବେଶରେ ବାଣ ରୋଶଣି ସହ ବରଯାତ୍ରୀଙ୍କ ମେଳରେ ଆଣି ମା'ଙ୍କ ପୀଠରେ ବୈଦିକ ରୀତିନୀତିରେ ବିବାହ ସମ୍ପନ୍ନ କରାଯାଇଥାଏ। ବର ପିତା ଭାବରେ କୁମ୍ଭାର ରାଜବଂଶର ପ୍ରତିନିଧି ୨ ରାଜପୁତ୍ରଙ୍କ ମାଟିରେ ପ୍ରତିକୃତିକୁ ଆଣି ବିବାହ ବେଦିରେ ଉପସ୍ଥିତ ରହି ଦାୟିତ୍ୱ ତୁଲାଇ ଥିବାବେଳେ କନ୍ୟାପିତା ଭାବରେ ମା'ଙ୍କ ପୂଜକ କନ୍ୟାଦାନ କରିଥାନ୍ତି। ପଶ୍ଚିମ କନିକା ରାଜ ପରିବାର ପକ୍ଷରୁ ଏହି ବଳି-ବାସୁଳି ବିବାହ ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଥାଏ। ବାସର ଦିନ ବଳି ମା' ବାସୁଳିଙ୍କୁ ସ୍ପର୍ଶ ମାତ୍ରକେ ଭସ୍ମ ହେବାର ନିୟମରେ ବିବାହ ପରର ସମସ୍ତ ଭୋଗ, ଫୁଲ ଏବଂ ଅନ୍ୟ ପୂଜା ସାମଗ୍ରୀ ସବୁକୁ ମାଟି ଖୋଳି ପୋତା ଯାଇଥାଏ। ସପ୍ତାହକ ପରେ ଏହି ଗାତରୁ ମିଳୁଥିବା ସୂଚକ ଅନୁଯାୟୀ, ଏ ବର୍ଷ ପାଇଁ ଅଞ୍ଚଳର ଭାଗ୍ୟ ନିର୍ଦ୍ଧାରଣ ହେଉଥିବାରୁ ପୂଜା ଓ ବିବାହ ଉତ୍ସବ ପାଇଁ ସବୁଠି ଉତ୍କଣ୍ଠା ବଢ଼ିଯାଇଛି। ବିବାହ ଉତ୍ସବରେ ମା'ଙ୍କ ପୀଠରେ ଯଜ୍ଞାନୁଷ୍ଠାନ ସହ ବିଭିନ୍ନ ଅପେରା ଦଳର ଯାତ୍ରା ପରିବେଷଣ ପୀଠକୁ ଚଳଚଞ୍ଚଳ କରିଦେଇଛି।


**केनरा बैंक Canara Bank** | ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ଆକ୍ଟ ୫୪) (ଏହାପରେ ଆକ୍ଟ କୁହାଯିବ)ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ, ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିଗୁଡିକୁ **ଦଖଲ** କରିଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର ଭୁବନେଶ୍ୱର କଟକ ରୋଡ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଭୁବନେଶ୍ୱର କଟକ ରୋଡ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ଋଣଗ୍ରହୀତା: ମେସର୍ସ ଫୋଏନିକ୍ସ ଫିଲ୍ମ ଲାବ୍ସ ପ୍ରା.ଲିଃ.,** ପ୍ଲଟ୍ ନଂ.: ୪୬, ୨ୟ ମହଲା, ଇନ୍‌ଫୋସିଟି ରୋଡ୍, ପଟିଆ, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୪, **ନିର୍ଦ୍ଦେଶକମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ,** ପିତା: ୰ ରମାକାନ୍ତ ପଟ୍ଟନାୟକ, ହାଉସ ନଂ.: ୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା,** ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା,** ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ,** ପିତା: ୰ ରମାକାନ୍ତ ପଟ୍ଟନାୟକ, ହାଉସ୍ ନଂ.: ୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା,** ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା,** ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬, **୪) ଶ୍ରୀମତୀ ନମିତା ପଟ୍ଟନାୟକ,** ସ୍ୱାମୀ: ବିଜୟ କିଶୋର ବେହେରା, ପ୍ଲଟ୍ ନଂ.: ୨୯୪, ଫ୍ଲାଟ୍ ନଂ.: ୩୦୧, ତ୍ରିବିକ୍ରମ ଟେରାସ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬ | **କ) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଲକ୍ଷ୍ମୀସାଗର, ଥାନା ନଂ.: ୫୨, ଏସ୍‌ଆରଓ: ଭୁବନେଶ୍ୱର, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୩୦, ଲକ୍ଷ୍ମୀସାଗର-୧, ଖାତା ନଂ.: ୧୫୯୩/୩୪୦, ପ୍ଲଟ୍ ନଂ.: ୨୧୧୬, କ୍ଷେତ୍ର: ଏକର୦.୦୫୮ ଡିସିମିଲି, ଅନୁରୂପ ପ୍ଲଟ୍ ନଂ.: ୨୧୧୬, ଖାତା ନଂ.: ୧୦୭୫, କ୍ଷେତ୍ର ଏକର୦.୧୮୮ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୧୧୭ ଏବଂ ପ୍ଲଟ୍ ନଂ.: ୪୩୯୩(ଅଂଶ), ପଶ୍ଚିମ: ପ୍ଲଟ୍ ନଂ.: ୨୧୧୮ ଏବଂ ପ୍ଲଟ୍ ନଂ.: ୨୧୨୫(ଅଂଶ), ଉତ୍ତର: ରାସ୍ତା ଏବଂ ପ୍ଲଟ୍ ନଂ.: ୨୧୧୭, ଦକ୍ଷିଣ: ଏ ସମ୍ମୁଖ ରାଓ, **CERSAI ID- 400022742250 / ଖ) ୦୬.୧୧.୨୦୨୫ / ଗ) ୩୧.୦୧.୨୦୨୬ / ଘ) ଟ.୨୦,୩୨,୩୭୨/- (କୋଡିଏ ଲକ୍ଷ ବତିଶ ହଜାର ତିନି ଶହ ବାସ୍ତରୀ ଟଙ୍କା ମାତ୍ର)** ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

**ସ୍ଥାନ: ଭୁବନେଶ୍ୱର, ତାରିଖ: ୩୧.୦୧.୨୦୨୬** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**

# ଜଙ୍ଗଲରୁ ମୁଣ୍ଡବିହୀନ ମୃତଦେହ ଜବତ

- ୬୭ ଦିନ ହେଲା ନିଖୋଜ ଥିଲେ ବୃଦ୍ଧ
- ହତ୍ୟା ସନ୍ଦେହ, ତଦନ୍ତ ଦାବି

ନୟାଗଡ଼/ରଣପୁର, ୧।୨ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି ଅନ୍ତର୍ଗତ କୋଟପୋଖରୀ ଜଙ୍ଗଲରୁ ରବିବାର ମଧ୍ୟାହ୍ନରେ ୬୭ ଦିନ ଧରି ନିଖୋଜ ଥିବା ତାଳକଣି ଗ୍ରାମର ତ୍ରିଲୋଚନ ମୁଦୁଲି(୭୮)ଙ୍କ ମୁଣ୍ଡ ବିହୀନ ମୃତଦେହ ଜବତ ହୋଇଛି। ରଣପୁର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚାଲୁ ରଖିଛି। ଜଙ୍ଗଲରେ ତ୍ରିଲୋଚନଙ୍କ ମୁଣ୍ଡଗଣ୍ଡି ବିହନ ମୃତଦେହ ପଡିଲା କିପରି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ତ୍ରିଲୋଚନଙ୍କୁ କେହି ହତ୍ୟା କରି ପରେ ମୁଣ୍ଡ ଗଣ୍ଡି ଅଲଗା କରି ଫୋପାଡିଛନ୍ତି ନା ଏହା ପଛରେ ଅନ୍ୟ କୌଣସି ରହସ୍ୟ ଲୁଚି ରହିଛି ତାହା ତଦନ୍ତସାପେକ୍ଷ।

ପ୍ରକାଶ ଯେ, ତାଳକଣି ଗ୍ରାମର ତ୍ରିଲୋଚନ ମୁଦୁଲି ଗତ ନଭେମ୍ବର ୨୫ରୁ ନିଖୋଜ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳିନଥିଲା। ନଭେମ୍ବର ୨୬ରେ ପୁଅ ଗୋବିନ୍ଦ ମୁଦୁଲି ବାପାଙ୍କ ନିଖୋଜ ସମ୍ପର୍କରେ ରଣପୁର ଥାନାରେ ଅଭିଯୋଗ ପରେ ପୋଲିସ ନଂ.୧୩/୨୫ରେ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଅଭିଯୋଗର ୬୫ ଦିନରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ ପୋଲିସ ତ୍ରିଲୋଚନଙ୍କ ଟେର ପାଇ ନ ଥିଲା । ରବିବାର ତାଳକଣି ଗାଁର କେତେକ ଲୋକ ଜଙ୍ଗଲକୁ ଜାଳେଣି କାଠ ଆଣିବାକୁ ଯାଇଥିଲେ। କୋଟ ପୋଖରୀ ଜଙ୍ଗଲରେ ଜଣେ ମଣିଷର ମୁଣ୍ଡ ଗଣ୍ଡି ବିହୀନ ମୃତଦେହ ଦେଖିବାକୁ ପାଇଥିଲେ। ମୃତଦେହଟି ପଚି ଯାଇଥିବାବେଳେ ସେଥିରୁ ଦୁର୍ଗନ୍ଧ ବାହାରୁଥିଲା। ଖବର ପ୍ରଚାରିତ ହେବା ପରେ ରଣପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଜଙ୍ଗଲରୁ ମୃତଦେହ ଜବତ ଘଟଣା ଶୁଣି ତ୍ରିଲୋଚନଙ୍କ ପରିବାରର ସଦସ୍ୟମାନେ ମୃତଦେହକୁ ପରଖିଥିଲେ। ମୃତଦେହରେ ଥିବା ପୋଷାକ ଓ ପାଖରେ ପଡିଥିବା ଚପଲରୁ ତାହା ତ୍ରିଲୋଚନଙ୍କର ବୋଲି ପରିବାର ଲୋକ ଚିହ୍ନଟ କରିଥିଲେ ।

### ଜଙ୍ଗଲ ପାଲଟିଲାଣି ନିରାପଦ ସ୍ଥାନ

ରଣପୁର ଥାନା ସୁନାଖଳା ଫାଣ୍ଡିର ଜଙ୍ଗଲରୁ ଦୁଇ ଦିନରେ ୨ଟି ମୃତଦେହ ଜବତ ପରେ ହତ୍ୟା ନା ଆତ୍ମହତ୍ୟା ପାଇଁ ଜଙ୍ଗଲ ନିରାପଦ ସ୍ଥାନ ପାଲଟିଲାଣି ବୋଲି ଆଲୋଚନା ହେଉଛି । ୫ ଦିନ ତଳେ ନିଖୋଜ ହୋଇଥିବା ବରପଲ୍ଲୀ ଗାଁର ବିକାଶ ପ୍ରଧାନଙ୍କର ଗଳିତ ମୃତଦେହ ଗତ ୩୧ ତାରିଖ ସକାଳୁ କୋଦଳାପଲ୍ଲୀ ଜଙ୍ଗଲ ନାଳରୁ ଉଦ୍ଧାର ହୋଇଥିଲା।

# ଧର୍ମଘଟ ସଫଳ ପାଇଁ ଗଣ କନଭେନଶନ


କନ୍‌ଭେନ୍ ଶନରେ ଯୋଗଦେଇଥିବା ମହିଳା ଓ ପୁରୁଷ ।

ନୟାଗଡ଼,୧।୨(ଲୋକନାଥ ମିଶ୍ର)

ଫେବୃଆରୀ ୧୨ରେ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବାକୁ ରବିବାର ନୟାଗଡ଼ ଆରସିଏମ୍ଏସ ସଭାକକ୍ଷରେ ଗଣ କନଭେନସନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସଭାରେ ସିଆଇଟିୟୁର ରାଜ୍ୟ ନେତା ଦୁଷ୍ମନ୍ତ କୁମାର ଦାସ କେନ୍ଦ୍ର ସରକାରର ଶ୍ରମିକ ବିରୋଧୀ ନୀତିର ଆଲୋଚନା କରି ଧର୍ମଘଟର ବାର୍ତ୍ତା ପ୍ରତି ପଞ୍ଚାୟତ, ବ୍ଲକସ୍ତରରେ ପ୍ରଚାର କରି ସାଧାରଣ ଧର୍ମଘଟକୁ ବନ୍ଦ ଆନ୍ଦୋଳନରେ ରୂପାନ୍ତରିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ସିଟୁ ନେତା ସୁରେଶ ଚନ୍ଦ୍ର ସ୍ୱାଇଁ ଆନ୍ଦୋଳନର ଭିତ୍ତିପତ୍ର ଉପସ୍ଥାପନ କରିଥିଲେ। ଆଇଏନ୍‌ଟିୟୁସି ନେତା ରଣଜିତ ଦାଶ, ସିଆଇଟିୟୁର ନେତା ଶରତ ଚନ୍ଦ୍ର ବେହେରା, ପାଚିକା ନେତ୍ରୀ ଜୟନ୍ତୀ ଦାଶ, ଆଶା ନେତ୍ରୀ ମଗ୍ଜୁଳି ରାଉତ, ସଭାପତି ଚାପଧାରୀ ରାଉତ, ନିର୍ମାଣ ଶ୍ରମିକ ନେତା ସବ୍ୟସାଚୀ ସେନାପତି, ମିଳିତ ଫେଡେରେଶନ ନେତା ବାସୁଦେବ ମହାନ୍ତି, ଗୋପୀନାଥ ଜେନା, କୃଷକ ସଭା ନେତା ପବିତ୍ର ଇନ୍ଦ୍ରଜିତ ପ୍ରମୁଖ ଆନ୍ଦୋଳନ ସଫଳ କରିବାକୁ ମତାମତ ଉପସ୍ଥାପନ କରିଥିଲେ। ଅନ୍ୟପକ୍ଷେ ଆଠଟି ଯାକ ବ୍ଲକରେ ଅନୁରୂପ ସଭା, ବିଭିନ୍ନ ଅଞ୍ଚଳରେ ପଥସଭା ଅନୁଷ୍ଠିତ କରି ୧୨ ତାରିଖ ଧର୍ମଘଟକୁ ସଫଳ କରିବାକୁ ସିଆଇଟିୟୁର ଜିଲା ଆବାହକ ଶରତ ଚନ୍ଦ୍ର ବେହେରା ଆହ୍ୱାନ ଦେଇଥିଲେ ।

ପ୍ରକାଶଯେ, କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଶ୍ରମ କୋଡ, ଶ୍ରମିକ ଶ୍ରେଣୀର ଅର୍ଜିତ ଅଧିକାରକୁ କ୍ଷୁର୍ଣ୍ଣ କରିଛନ୍ତି ବୋଲି ଆଲୋଚନା ହୋଇଥିଲା। ସେହିପରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପୂର୍ଣ୍ଣଚ୍ଛେଦ ପକାଇ ଯେ ରାମ ଜି ଯୋଜନା କରି ଶ୍ରମିକ ଶ୍ରେଣୀର ତଣ୍ଟିରେ କେନ୍ଦ୍ର ସରକାର କ୍ଷୁର ଚଳାଇଛନ୍ତି। ସ୍ଥାୟୀ ନିଯୁକ୍ତି ବଦଳରେ ଠିକା ନିଯୁକ୍ତିକୁ ପ୍ରୋତ୍ସାହନ ଦେଇ ସର୍ବନିମ୍ନ ମଜୁରି ଆଇନକୁ ଉଲ୍ଲଂଘନ କରୁଛନ୍ତି। ସ୍କିମ୍ ଶ୍ରମିକ ଆଶା, ପାଚିକା, ଅଙ୍ଗନୱାଡ଼ି କର୍ମୀମାନଙ୍କୁ ସାମାନ୍ୟ ପାରିତୋଷିକ ଦେଇ ଠକି ଚାଲିଛନ୍ତି। କୃଷକମାନଙ୍କ ଫସଲ ଅଭାବୀ ବିକ୍ରିକୁ ପ୍ରୋତ୍ସାହିତ କରୁଛନ୍ତି। ବିଦ୍ୟୁତ୍‌ର ଘରୋଇକରଣ କରି ଉପଭୋକ୍ତାମାନଙ୍କୁ ଶୋଷଣ କରୁଛନ୍ତି ବୋଲି ଆଲୋଚନା ହୋଇଥିଲା।

# ଆଦିବାସୀ ଗାଁ ଗୋଛାରେ ଅଗ୍ନି ଉତ୍ସବ


ଅଗ୍ନି ଉତ୍ସବ ଲାଗି କାଠରେ ତିଆରି ହୋଇଥିବା ପିଣ୍ଡି ।

ଶରଣକୁଳ,୧।୨(ଦୀପକ କର)

ଶରଣକୁଳ ନିକଟ ଗୋଛା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଅବସ୍ଥିତ ଆଦିବାସୀ ଗାଁ ଗୋଛାରେ ଜନଜାତିର ଅନନ୍ୟ ପରମ୍ପରା ଅନୁଯାୟୀ ମାଘ ପୂର୍ଣ୍ଣମୀରେ ଅଗିପୋଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମରେ ବିଜେ ମା' ବ୍ରାହ୍ମଣୀ ଦେବୀଙ୍କ ମନ୍ଦିରରୁ 'ଖୁଣ୍ଟଦେବୀ'ଙ୍କୁ ଆବାହନ କରି ଘଣ୍ଟ ଘଣ୍ଟା ଖୋଳତାଳ ତଥା ଆଦିବାସୀ ପରମ୍ପରାରେ ପୂଜାର୍ଚ୍ଚନା କରାଯାଇ କାଳିସୀ ଓ ଜାନୀଙ୍କ ସମେତ ଆବାଳ ବୃଦ୍ଧବନିତା ହର୍ଷଉଲ୍ଲାସ ମଧ୍ୟରେ ଆଣି ଗ୍ରାମଦେବତୀଙ୍କ ପୀଠରେ ବିଜେ କରାଇଥିଲେ। ଗ୍ରାମର ପଶ୍ଚିମ ପାର୍ଶ୍ୱରେ ବିଜେ ମା' ରାମଚଣ୍ଡୀଙ୍କ ପୀଠରେ ବଳୀଭୋଜା ପ୍ରଦାନ ପୂର୍ବକ ଜାନୀଙ୍କ ଆବାହନକ୍ରମେ ଅଗିପୋଡ଼ା ଯାତ୍ରା ନିମନ୍ତେ ଗ୍ରାମବାସୀ ମା'ଙ୍କ ନିର୍ଦ୍ଦେଶ ପ୍ରାପ୍ତ କରିଥିଲେ। ଗ୍ରାମର ସମସ୍ତ ଅଧିବାସୀ ଜଙ୍ଗଲକୁ ଯାଇ ନିଜର ସାଧ ମତେ କାଠ ସଂଗ୍ରହ କରି ଆଣି ଅଗିପୋଡ଼ା ସ୍ଥାନରେ ଜମା କରିଥିଲେ। ଜାନୀ ଏବଂ ଗ୍ରାମର ମୁଖ୍ୟଙ୍କ ନିର୍ଦ୍ଦେଶରେ ଗ୍ରାମର ଯୁବକମାନେ ପ୍ରାୟ ୨୦ଫୁଟ ଲମ୍ବ ଓସାର ଓ ୩୦ଫୁଟ ଉଚ୍ଚର ଅଗିପୋଡ଼ା ନିମନ୍ତେ କାଠର ଏକ ପିରାମିଡ଼ ତିଆରି କରିଥିଲେ। ଏଣେ ସାଂସ୍କୃତିକ କାର୍ଯ୍ୟକ୍ରମ ରାମଲୀଳା ଅନୁଷ୍ଠିତ ହେଉଥିଲା' ସନ୍ଧ୍ୟାରେ ମା' ରାମଚଣ୍ଡୀଙ୍କଠାରେ ସତନ୍ତ୍ର ପୂଜାର୍ଚ୍ଚନା ପରେ ଖୁଣ୍ଟଦେବୀ ଗ୍ରାମ ପରିକ୍ରମା କରି ରାତ୍ର ପ୍ରାୟ ୨ ଟାରେ ଜାନୀଙ୍କ ପୂଜାର୍ଚ୍ଚନା ପରେ ଅଗି ପିରାମିଡ଼ରେ ଅଗ୍ନି ସଂଯୋଗ କରାଯାଇଥିଲା। ଏହି ଅନନ୍ୟ ଯାତ୍ରାର ଆନନ୍ଦ ଅନୁଭବ କରିବା ପାଇଁ କଜଲାଇପଲ୍ଲୀ ତଥା ଆଖପାଖ ଅଞ୍ଚଳର ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉତ୍ସବ ସ୍ଥଳରେ ଉପସ୍ଥିତ ହୋଇଥିଲେ। ତେବେ ୧୦୦ ପରିବାର ବିଶିଷ୍ଟ ଗ୍ରାମରେ ସରକାରଙ୍କ ଦ୍ୱାରା ନିର୍ମିତ ସୌରଶକ୍ତି ଦ୍ୱାରା ଚାଳିତ ନଳକୂପଟିରେ ଲାଗିଥିବା ଟାଙ୍କିଟି ଛୋଟ ହୋଇଥିବାରୁ ତାହା ଗ୍ରାମବାସୀଙ୍କୁ ଆବଶ୍ୟକ ପାଣି ଯୋଗାଇ ପାରୁନାହିଁ। ଆଦିବାସୀମାନେ ପୂର୍ବରୁ ଯେପରି ନିକଟସ୍ଥ ଜଙ୍ଗଲୀ ନାଳରୁ ପାଣି ଆଣି ବ୍ୟବହାର କରୁଥିଲେ। ସେହିପରି ବ୍ୟବହାର କରି ଦୟନୀୟ ସ୍ଥିତିରେ ଅଛନ୍ତି। ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ୧୯୭୯ ମାଟ୍ରିକ ବ୍ୟାଚର ବନ୍ଧୁମିଳନ


ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରମାନେ ।

ଭାପୁର ୧।୨(ପ୍ରଭାତ ବରାଡ)

ନୟାଗଡ଼ ଜିଲା ଭାପୁର ବ୍ଲକ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠର ୧୯୭୯ ମାଟ୍ରିକ ବ୍ୟାଚ ଛାତ୍ରଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ଆୟୋଜିତ ହୋଇଯାଇଛି। ଭାପୁର ପଞ୍ଚାୟତ ଅଧୀନ ଖଇରଗାଡିଆ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ତତ୍କାଳୀନ ଛାତ୍ର ବତ୍ସଳ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ମହାନ୍ତି ଉପସ୍ଥିତ ରହି ଛାତ୍ରମାନଙ୍କୁ ଆଶୀର୍ବାଦ କରିଥିଲେ। ଏହି ପୁରାତନ ଛାତ୍ରମାନେ ଦୀର୍ଘ ଆଠ ଦଶ ବର୍ଷ ହେଲା ନିଜର ସ୍କୁଲ ଜୀବନକୁ ମନେ ପକାଇ ଗୋଟିଏ ଦିନ ବନ୍ଧୁମିଳନ କରିଥାନ୍ତି। କାର୍ଯ୍ୟକ୍ରମରେ ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ଦେବେନ୍ଦ୍ର ପ୍ରସାଦ ଷଡଙ୍ଗୀ, ରବୀନ୍ଦ୍ର କୁମାର ମହାରଣା, ନିରଞ୍ଜନ ଆଚାର୍ଯ୍ୟ, ମନୋଜ ଦାଶ,ହରିହର ବେହେରା, ବିଜୟ କୁମାର ମହାରଣା, ରବୀନ୍ଦ୍ର କୁମାର ମହାରଣା, ବିଶ୍ୱନାଥ ମହାରଣା,ସଦାଶିବ ପ୍ରଧାନ, ଗୋବିନ୍ଦ ସାହୁ,ରାମଚନ୍ଦ୍ର ରଣା ଓ ପ୍ରସନ୍ନ କୁମାର ମହାପାତ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ଛାତ୍ର ଜୀବନର ସ୍ମୃତି ଚାରଣ କରିଥିଲେ।

# ତ୍ରିନାଥ ଦେବଙ୍କ ବାର୍ଷିକ ଉତ୍ସବ

ଖଣ୍ଡପଡା,୧।୨ (ଅଜୟ କୁମାର ମହାରଣା)

କଣ୍ଟିଲୋ ପଞ୍ଚାୟତ ଫକୀର ଅତବୁଦ୍ଧି ପାଟଣା ଗ୍ରାମରେ ବିରାଜିତ ଶ୍ରୀ ଶ୍ରୀ ତ୍ରିନାଥ ଦେବଙ୍କ ୫ମବାର୍ଷିକ ଉତ୍ସବ ରବିବାର ମାଘ ପୂର୍ଣ୍ଣମୀ ତିଥିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରବିବାର ପ୍ରାତଃ କାଳରେ ନିକଟସ୍ଥ ମହାନଦୀ ଘାଟରୁ କଳସରେ ଜଳ ସଂଗ୍ରହ କରାଯାଇ ମନ୍ଦିର ପ୍ରାଙ୍ଗଣରେ ସ୍ଥାପନ କରାଯାଇଥିଲା । ପରେ ପୁରୋଧା ଭାବେ ପ୍ରଦୀପ କୁମାର କର ମାଙ୍ଗଳିକ କାର୍ଯ୍ୟ ସମ୍ପନ୍ନ କରିବା ସହ ଘୃତଯଜ୍ଞ, ହୋମ ଆଦି କାର୍ଯ୍ୟ ସମ୍ପନ୍ନ କରିଥିଲେ। କର୍ତ୍ତା ଭାବେ ଚନ୍ଦ୍ରମଣି ଦଳେଇ କାର୍ଯ୍ୟ ପରିଚାଳନା କରିଥିଲେ । ଅପରାହ୍ନ ୪.୩୦ରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା।

# ମହାନଦୀ ଆଳତି ମହୋତ୍ସବ

ଖଣ୍ଡପଡା,୧।୨ (ଅଜୟ କୁମାର ମହାରଣା)

ମାଘ ପୂର୍ଣ୍ଣମୀ ଅବସରରେ ରବିବାର ମହାନଦୀ ଆଳତି ମହୋତ୍ସବ କଣ୍ଟିଲୋ ଶ୍ରୀ ନୀଳମାଧବ ପୀଠ ମହାନଦୀ ତଟରେ ଆରମ୍ଭ ହୋଇଛି। ମହାନଦୀ ଆଳତି ଉତ୍ସବ ଦେଖିବା ପାଇଁ ଶ୍ରଦ୍ଧାଳୁମାନଙ୍କର ସମାଗମ ହୋଇଥିଲା। ଶତାଧିକ ମହିଳା ପୁରୁଷ ତଥା ଶ୍ରଦ୍ଧାଳୁମାନେ ଦୀପ ଧରି ଗଙ୍ଗା ମାତାଙ୍କୁ ଆଳତି କରିଥିଲେ । ସୂଚନାଯୋଗ୍ୟ, ନୀଳମାଧବଜୀଉଙ୍କ ଆଜ୍ଞାମାଳ ଓ ସନ୍ଧ୍ୟା ଦୀପ ଆସିବା ପରେ ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ଗଙ୍ଗା ମନ୍ଦିର ପ୍ରତିଷ୍ଠାତା ଗୋବିନ୍ଦ ମହାରଣାଙ୍କ ସହ ମହାନଦୀ ମାତାଙ୍କୁ ଆଳତି କରିଥିଲେ।


ଆଳତି କରାଯାଉଛି।

# ୧୯୯୧ ବ୍ୟାଚ ବନ୍ଧୁ ମିଳନ


ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସହପାଠୀ ।

ଖଣ୍ଡପଡା,୧।୨ (ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ କୁମ୍ଭାରପଡା ଉଚ୍ଚ ବିଦ୍ୟାଳୟ ୧୯୯୧ ମାଟ୍ରିକ ବ୍ୟାଚ ସହପାଠୀଙ୍କ ଏକ ବନ୍ଧୁ ମିଳନ ଉତ୍ସବ ରବିବାର ସ୍ଥାନୀୟ ମା ପୂର୍ଣ୍ଣବାସୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ସହପାଠୀ ପ୍ରଶାନ୍ତ କୁମାର ପ୍ରଧାନ ଓ ରଞ୍ଜିତ କୁମାର ପଣ୍ଡାଙ୍କ ପ୍ରୟାସ କ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ପୁରାତନ ସହପାଠୀ ଏକତ୍ର ହୋଇ ବିଗତ ଦିନର ସ୍ମୃତିକୁ ରୋମନ୍ଥନ କରି ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ । ଏହାଛଡା ସମସ୍ତ ବନ୍ଧୁମାନଙ୍କର ସୁସ୍ଥ ଜୀବନ ଅତିବାହିତ କରିବା ସହ ନିଜ ଗାଁ ମାଟିର ବିକାଶ ମୂଳକ କାର୍ଯ୍ୟରେ ସହଯୋଗ କରିବାକୁ ସଂକଳ୍ପ ନେଇଥିଲେ। ପ୍ରାରମ୍ଭରେ ଦିବଗଂତ ସହପାଠୀ ଏବଂ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମର ସଫଳତା ପାଇଁ ପ୍ରୟାସ ଜାରି ରଖିଥିବା ସହପାଠୀଙ୍କୁ ଧନ୍ୟବାଦ ଜଣାଇଥିଲେ।

# ରୋହିବାଙ୍କ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସମ୍ବର୍ଦ୍ଧିତ


ସମ୍ବର୍ଦ୍ଧିତ ହୋଇଥିବା ଶିକ୍ଷକ ।

ନୟାଗଡ଼, ୧।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଓଡଗାଁ ବ୍ଲକ ରୋହିବାଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରକୃତିବନ୍ଧୁ ସନ୍ତୋଷ କୁମାର ସାହୁ ଭାରତୀୟ ହକି ସଂଘର ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ଓ ଭାରତୀୟ ବେସ ବଲ ଫେଡେରେଶନ ସଭାପତି ତଥା ଓଡିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ଦ୍ୱାରା ସମ୍ମାନୀତ ହୋଇଛନ୍ତି। ସନ୍ତୋଷଙ୍କ ଘର ପାନ୍ତିଖାରି ଶାସନରେ। ପାଞ୍ଚଦିନ ଧରି ନୟାଗଡ଼ କେ. ସି. କ୍ଲବର ଶତବାର୍ଷିକ ଉତ୍ସବ ଉଦ୍‌ଯାପନୀ ସଂଧ୍ୟା ଅଧିବେଶନରେରେ ତାଙ୍କୁ ଏହି ସମ୍ମାନ ମିଳିଛି।

# ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭର ଗିରଫ

ବ୍ରହ୍ମପୁର,୧।୨(ସୁବାସ ଚନ୍ଦ୍ର ପାଢ଼ୀ)

ହଳଦିଆପଦର ଦୁର୍ଘଟଣାରେ ଗୋଶାଣିନୂଆଗାଁ ପୋଲିସ ଧକ୍କା ଦେଇ ହତ୍ୟା କରିଥିବା ଟ୍ରକ ଚାଳକକୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗୁଡିଆପଲ୍ଲୀ ଯାନୀ ସାହିର ପ୍ରଦୀପ ଜାନୀ(୩୮)। ଅଭିଯୁକ୍ତ ପ୍ରଦୀପ ନାଁରେ ପୂର୍ବରୁ ବହୁ ମାମଲା ରହିଥିଲା।

# ରାଜ୍ୟ ବେସରକାରୀ ଅଧ୍ୟାପକ ସଂଘ ସାଧାରଣ ବୈଠକ


ବୈଠକରେ ଯୋଗଦେଇଥିବା ଅଧ୍ୟାପିକା ଓ ଅଧ୍ୟାପକମାନେ ।

ନୟାଗଡ଼,୧।୨(ଲୋକନାଥ ମିଶ୍ର)

ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ସଂଘ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ବୈଠକ ପରେ ନୟାଗଡ଼ ଜିଲାର ଜିଲା ସଂଯୋଜକ ଦେବାଶିଷ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓସ୍ନେଲିଆ ସଂଘ ପକ୍ଷରୁ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ନୟାଗଡ଼, ଖଣ୍ଡପଡ଼ା, ରଣପୁର, ଗଣିଆ, ଦଶପଲ୍ଲା ଖଣ୍ଡର ସମସ୍ତ ଖଣ୍ଡ ସଂଯୋଜକ ତଥା ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗ ଦେଇଥିଲେ। ଜିଲା ସଂଯୋଜକ ଦେବାଶିଷ ମହାପାତ୍ର ପ୍ରଥମେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଓସ୍ନେଲିଆ ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସ, ଉପସଭାପତି ଅଜୟ କୁମାର ସାହୁ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ୨୦୦୮ରୁ ୨୦୧୮ ପର୍ଯ୍ୟନ୍ତ ମହାବିଦ୍ୟାଳୟର କାର୍ଯ୍ୟରତ କର୍ମଚାରୀଙ୍କର ଖୁବ୍ ଶୀଘ୍ର ସରକାରୀ ଅନୁଦାନ ପାଇବା ପାଇଁ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି। ଶେଷରେ ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ଅଧ୍ୟାପିକା ଶୁଚିସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆରିକିମା କ୍ରିକେଟ ଟିମ୍ ଚାମ୍ପିୟନ

**ମା' ସଞ୍ଜାଇ ଦେବୀ ପ୍ରଥମବାର୍ଷିକ କ୍ରିକେଟ**

ଭାପୁର,୧।୨ (ପ୍ରଭାତ ବରାଡ)

ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ବିଜିପୁର ମିନି ଷ୍ଟାଡିୟମରେ ଚାଲିଥିବା ମା' ସଞ୍ଜାଇ ଦେବୀ ପ୍ରଥମବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାଣ୍ଡ ଫାଇନାଲ ମ୍ୟାଚରେ ଆରିକିମା କ୍ରିକେଟ ଟିମ୍ ଚାମ୍ପିୟନ ହୋଇଥିବା ବେଳେ ତଳମାରଡା କ୍ରିକେଟ ଟିମ୍ ରନର ହୋଇଛି। ଆରିକିମା ପ୍ରଥମେ ଟସ ଜିତି ବ୍ୟାଟିଂ ନିଷ୍ପତି ନେଇ ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୩୦ ରନ କରିଥିଲା। ଜବାବରେ ତଳମାରଡା କ୍ରିକେଟ ଟିମ୍ ୧୮.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୦୨ ରନ କରି ପରାଜୟ ବରଣ କରିଥିଲା। ଚାମ୍ପିୟନ ଟିମ୍‌ର ବିଶ୍ୱନାଥ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ଓ ରାକେଶ କୁମାର ଦଳେଇ ମ୍ୟାନ ଅଫ ଦ ସିରିଜ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଉକ୍ତ ଗ୍ରାଣ୍ଡ ଫାଇନାଲ ମ୍ୟାଚରେ ସୁଚାରୁରୂପେ ଖେଳ ପରିଚାଳନା କରିଥିଲେ ଗୋବର୍ଦ୍ଧନ ବାରିକ ଓ ମାନସ ରଞ୍ଜନ ଦାସ । ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ ରାମ ପ୍ରସାଦ ବଡ଼ଜେନା ଓ ସ୍କୋର ସହାୟତା କରିଥିଲେ ତପନ ରାଉତ ଓ ଶିବପ୍ରସାଦ ଦାସ। ଫାଇନାଲ ମ୍ୟାଚରେ ଅତିଥି ଭାବେ ନୟାଗଡ଼ ଜିଲାର ପୂର୍ବତନ ଭାଜପା ଉପସଭାପତି ପ୍ରଦୀପ୍ତ କୁମାର ପଟ୍ଟନାୟକ, ଶିକ୍ଷାବିତ୍ ଯୋଗୀନାଥ ପଟ୍ଟନାୟକ, ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ରାଉତରାୟ, କ୍ରୀଡ଼ା ଶିକ୍ଷକ ଗୁଣ୍ଡିଚା ଖଟେଇ, ସୁରେଶ ଚନ୍ଦ୍ର ରାଉତ, ସାମାଜିକକର୍ମୀ ସନ୍ତୋଷ କୁମାର ପଣ୍ଡା, ସନ୍ତୋଷ କୁମାର ସାହୁ, ବାଲାସ ଜେନା ପ୍ରମୁଖ ଯୋଗଦେଇ ସମସ୍ତ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିବା ସହିତ ଆରିକିମା ଚାମ୍ପିୟନ ଟିମ୍‌କୁ ଟ୍ରଫି ସହିତ ନଗଦ ୫୫୫୫ ଟଙ୍କା ପ୍ରଦାନ କରିଥିଲେ। ତଳମାରଡା ଟିମ୍‌କୁ ରନର ଟ୍ରଫି ସହିତ ନଗଦ ୩୫୫୫ ଟଙ୍କା ପ୍ରଦାନ କରିଥିଲେ। କ୍ଲବ ସଦସ୍ୟ ଆକାଶ କୁମାର ଜେନା ଧନ୍ୟବାଦ ଅର୍ପଣ କରିବା ପରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା।


ଅତିଥିଙ୍କ ସହ ଉଭୟ ଦଳର ଖେଳାଳି ।

केनरा बैंक Canara Bank
सिंडिकेट Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ ଆକ୍ଟ, ୨୦୦୨(୨୦୦୨ର ଆକ୍ଟ ୫୪) (ଏହାପରେ ଆକ୍ଟ କୁହାଯିବ)ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ, ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିଗୁଡିକୁ **ଦଖଲ** କରିଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର ଭୁବନେଶ୍ୱର କଟକ ରୋଡ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଭୁବନେଶ୍ୱର କଟକ ରୋଡ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ଋଣଗ୍ରହୀତା: ମେସର୍ସ ଫୋଏନିକ୍ସ ଫିଲ୍ମ ଲାବ୍ସ ପ୍ରା.ଲିଃ.,** ଫ୍ଲାଟ୍ ନଂ.: ୪୬, ୨ୟ ମହଲା, ଇନ୍‌ଫୋସିଟି ରୋଡ୍, ପଟିଆ, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୪, **ନିର୍ଦ୍ଦେଶକମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ,** ପିତା: ୰ ରମାକାନ୍ତ ପଟ୍ଟନାୟକ, ହାଉସ ନଂ.: ୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା,** ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା,** ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ,** ପିତା: ୰ ରମାକାନ୍ତ ପଟ୍ଟନାୟକ, ହାଉସ୍ ନଂ.: ୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା,** ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା,** ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬, **୪) ଶ୍ରୀମତୀ ନମିତା ପଟ୍ଟନାୟକ,** ସ୍ୱାମୀ: ବିଜୟ କିଶୋର ବେହେରା, ପ୍ଲଟ୍ ନଂ.: ୨୯୪, ଫ୍ଲାଟ୍ ନଂ.: ୩୦୧, ତ୍ରିବିକ୍ରମ ଟେରାସ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬ | **କ) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଲକ୍ଷ୍ମୀସାଗର, ଥାନା ନଂ.: ୫୨, ଏସ୍‌ଆରଓ: ଭୁବନେଶ୍ୱର, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୩୦, ଲକ୍ଷ୍ମୀସାଗର-୧, ଖାତା ନଂ.: ୧୫୯୩/୩୪୦, ପ୍ଲଟ୍ ନଂ.: ୨୧୧୬, କ୍ଷେତ୍ର: ଏକର୦.୦୫୮ ଡିସିମିଲି, ଅନୁରୂପ ପ୍ଲଟ୍ ନଂ.: ୨୧୧୬, ଖାତା ନଂ.: ୧୦୭୫, କ୍ଷେତ୍ର ଏକର୦.୧୮୮ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୧୧୭ ଏବଂ ପ୍ଲଟ୍ ନଂ.: ୪୩୯୩(ଅଂଶ), ପଶ୍ଚିମ: ପ୍ଲଟ୍ ନଂ.: ୨୧୧୮ ଏବଂ ପ୍ଲଟ୍ ନଂ.: ୨୧୨୫(ଅଂଶ), ଉତ୍ତର: ରାସ୍ତା ଏବଂ ପ୍ଲଟ୍ ନଂ.: ୨୧୧୭, ଦକ୍ଷିଣ: ଏ ସମୁଖ ରାଓ, **CERSAI ID- 400022742250** / ଖ) ୦୬.୧୧.୨୦୨୫ / ଗ) ୩୧.୦୧.୨୦୨୬ / ଘ) ଟ.୨୦,୩୨,୩୭୨/- (କୋଡିଏ ଲକ୍ଷ ବତିଶ ହଜାର ତିନି ଶହ ବାସ୍ତରୀ ଟଙ୍କା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

ସ୍ଥାନ: ଭୁବନେଶ୍ୱର, ତାରିଖ: ୩୧.୦୧.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ବାୟୁସେନା ହେଲିକପ୍ଟରର ଟ୍ରାଏଲ ଲ୍ୟାଣ୍ଡିଂ



ହେଲିକପ୍ଟର ଲ୍ୟାଣ୍ଡିଂ ସ୍ଥଳରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀ।



ବାୟୁସେନାର ହେଲିକପ୍ଟର ଲ୍ୟାଣ୍ଡ କରୁଛି।

## ୩ରେ ରାଷ୍ଟ୍ରପତିଙ୍କ ଯାଜପୁର ଗସ୍ତ

**ଯାଜପୁରଟାଉନ,୧।୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଆସନ୍ତା ୩ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯାଜପୁର ଗସ୍ତରେ ଆସିବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ରାଷ୍ଟ୍ରପତି ବାୟୁସେନା ହେଲିକପ୍ଟର ଯୋଗେ ଆସି କୁସୁମା ସମ୍ମୁଖ ପ୍ରଶାସନିକ ଭବନ ପଡ଼ିଆରେ ଅବତରଣ କରିବେ। ଏଥିପାଇଁ ପ୍ରଶାସନିକ ଭବନ ପଡ଼ିଆରେ ଅସ୍ଥାୟୀ ହେଲିପ୍ୟାଡ୍ ନିର୍ମାଣ କରାଯାଇଛି। ହେଲିପ୍ୟାଡ୍‌କୁ ପରୀକ୍ଷଣ କରିବା ପାଇଁ ବାୟୁସେନାର କର୍ମଚାରୀ ହେଲିକପ୍ଟର ଯୋଗେ ଆସି ରବିବାର ପ୍ରଶାସନିକ ଭବନ ପଡ଼ିଆରେ ଟ୍ରାଏଲ ଲ୍ୟାଣ୍ଡିଂ କରିଛନ୍ତି। ସେମାନେ ଦୀର୍ଘ ସମୟ ପରୀକ୍ଷଣ କରି ଫେରିଯାଇଛନ୍ତି। ପାଖାପାଖି ଏକ ଘଣ୍ଟା ପର୍ଯ୍ୟନ୍ତ ବାୟୁସେନା କର୍ମଚାରୀ ହେଲିପ୍ୟାଡ୍ ସ୍ଥଳ ବୁଲି ଦେଖିବା ସହ ବିଭିନ୍ନ ସ୍ଥାନ ପରୀକ୍ଷଣ କରିଥିଲେ। ଏହି ଟ୍ରାଏଲ ଲ୍ୟାଣ୍ଡିଂକୁ ଦେଖିବା ପାଇଁ ବହୁ ଲୋକେ ଭିଡ଼ ଜମାଇଥିଲେ। ବାୟୁସେନା ପକ୍ଷରୁ ଟ୍ରାଏଲ ଲ୍ୟାଣ୍ଡିଂ ସମୟରେ ଜିଲାପାଳ ଅମ୍ବର କୁମାର, ଆରକ୍ଷୀ ଅଧୀକ୍ଷକ ଯଶ୍ ପ୍ରତାପ ଶ୍ରୀମାଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୀତିକଣ୍ଠ କାନୁନଗୋ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ମାଝୀ, ଟାଉନ ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଏହି ହେଲିପ୍ୟାଡ୍‌କୁ ପରୀକ୍ଷଣ କରିବା ପାଇଁ ଡଗ୍ ସ୍କ୍ୱାଡ୍ ମଧ୍ୟ ଆସିଥିଲେ। ସେମାନେ ସନ୍ଧାନୀ କୁକୁର ମାଧ୍ୟମରେ ତନତନ କରି ହେଲିପ୍ୟାଡ୍‌ର ବିଭିନ୍ନ ସ୍ଥାନରେ ପରୀକ୍ଷଣ କରିଥିଲେ। ହେଲିପ୍ୟାଡ୍‌କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଥିବାର ଦେଖିବାକୁ ମିଳିଛି। ରାଷ୍ଟ୍ରପତିଙ୍କ ଯାଜପୁର ଆଗମନକୁ ନେଇ ଯାଜପୁରବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସେହିଦିନକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି।

# ନାବାଳିକାଙ୍କୁ ଅପହରଣ ମାମଲାରେ ଯୁବକ ଗିରଫ

**ଧର୍ମଶାଳା/କଏମା,୧।୨ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):** ଜଣେ ନାବାଳିକାଙ୍କୁ ଅପହରଣ ମାମଲାରେ ଧର୍ମଶାଳା ପୋଲିସ ଅଭିଯୁକ୍ତ ଯୁବକଙ୍କୁ ରବିବାର ଗିରଫ କରିଛି। ଗିରଫ ଅଭିଯୁକ୍ତ କୁଆଖିଆ ଥାନା ଶୁକଦେଇପୁର ଅଞ୍ଚଳର ଆକାଶ ତରାଇ(୨୨)ବୋଲି ଜଣାପଡ଼ିଛି। ଧର୍ମଶାଳା ଥାନା ଅଞ୍ଚଳର ସମ୍ପୃକ୍ତ ନାବାଳିକାଙ୍କୁ ୮ ମାସ ତଳେ ଆକାଶ ଅପହରଣ କରି ନେଇ ବଳାତ୍କାର କରିଥିଲେ। ପରେ ତାଙ୍କୁ ଆଣି ତାଙ୍କ ଘରେ ଛାଡ଼ି ଦେଇଥିଲେ। ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ନଂ.୩୭/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୋମବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ଉତ୍ତମ ଚରିତ୍ର ଗଠନ, ଜ୍ଞାନର ସମନ୍ୱୟ ହେଉଛି ଶିକ୍ଷା

**ଯାଜପୁରରୋଡ୍,୧।୨ (ପବିତ୍ର ରଞ୍ଜନ ମହାନ୍ତି):** ବ୍ୟାସନଗରସ୍ଥିତ ଗଣେଶ ବଜାର ରିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ୧୫ତମ ବାର୍ଷିକୋତ୍ସବ 'ଜୟନ୍ତ ୨୦୨୫-୨୬' ସ୍କୁଲ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ଦାନଗଦି ବିଡିଓ ପ୍ରଦୀପ କୁମାର ସେଠୀ ଯୋଗଦେଇ ଭଲ ପାଠ ପଢ଼ିବା ସହିତ ଚରିତ୍ରବାନ ହେଲେ ଖୁବଶୀଘ୍ର ଭାରତ ବିଶ୍ୱଗୁରୁ ଆସନ ଅଳଙ୍କୃତ କରିପାରିବ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ମନୋରଞ୍ଜନ ମହାନ୍ତି ଯୋଗଦେଇ ଉତ୍ତମ ଚରିତ୍ର ଗଠନ ଓ ଜ୍ଞାନର ସମନ୍ୱୟ ହେଉଛି ଶିକ୍ଷା ବୋଲି କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସୁନୀତା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କୁଲ୍ ଅଧ୍ୟକ୍ଷ ଦିଗନ୍ତ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍କୁଲର ନିର୍ଦ୍ଦେଶକ ଜନ୍ମେଜୟ ରାଉତ ଯୋଗଦେଇ ଅନୁଷ୍ଠାନର ଲକ୍ଷ୍ୟ ଓ ଉପଲବ୍ଧି ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥି ଓ ସ୍କୁଲ୍ ଶିକ୍ଷୟିତ୍ରୀ ସରୋଜିନୀ ବିଶ୍ୱାଳ, ଜ୍ୟୋତିଶଙ୍କର ନାଥ, ରତିକାନ୍ତ ସେଠୀ, ଇତିଶ୍ରୀ ଦାସ, ଲଳିତ ମାଧବ ଦାଶ, ସଂଯୁକ୍ତା ସାହୁ, ରାଧାରାଣୀ ସାମଲ ଏବଂ ନୃତ୍ୟ ଶିକ୍ଷକ ଭୋଳାନାଥ ଘୋଷଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ ରବୀନ୍ଦ୍ର ରାଉତରାୟ, ଶୋଭା ଜେନା, ବନାନୀ ସେନ, ଦମୟନ୍ତୀ ରାଉତ, ଅନିନ୍ଦିତା ଦାସ, ଲଳିତ ମାଧବ ଦାଶ, ସାଗରିକା ରାଉତ, ରଶ୍ମିପ୍ରଭା ସାହୁ, ରୀନା ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷାବିତ ଦୁଷ୍ମନ୍ତ ନାୟକ, ସଦାଶିବ ଦାସ, ଶାନ୍ତି ନାରାୟଣ ରାଉତ, ଜ୍ୟୋତିଶଙ୍କର ପଣ୍ଡା, ରାଜେଶ ପଟ୍ଟନାୟକ, ଚିନ୍ମୟ ରାଉତ, ଜ୍ଞାନରଞ୍ଜନ ରାଉତ, କାଉନସିଲର ଭରତ ଓଝାଙ୍କ ସମେତ ଶତାଧିକ ବୁଦ୍ଧିଜୀବୀ ଓ ଅଭିଭାବକ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।





ରିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

# ନେତାଜୀ କ୍ରିକେଟ୍ ଟୁର୍ନାମେଣ୍ଟ: ଚଣ୍ଡିଖୋଲ ଚାମ୍ପିୟନ



ଚାମ୍ପିୟନ ଟିମ୍‌କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

**ଜେନାପୁର,୧।୨ (ଅଶୋକ ଦାସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ ବାରକଣା ଖେଳପଡ଼ିଆରେ ୨୮ତମ ନେତାଜୀ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ମହାବୀର କ୍ରିକେଟ କ୍ଲବ ଚଣ୍ଡିଖୋଲ ଚାମ୍ପିୟନ ହୋଇଛି। ନେତାଜୀ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ମହାବୀର କ୍ରିକେଟ କ୍ଲବ ଚଣ୍ଡିଖୋଲ ଏବଂ ଅର୍ଜୁନ ଆଣ୍ଡ ଅଜୟ କ୍ରିକେଟ କ୍ଲବ ମଙ୍ଗରାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମଙ୍ଗରାଜପୁର ଟିମ୍ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇ ଚଣ୍ଡିଖୋଲ କ୍ରିକେଟ କ୍ଲବକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଚଣ୍ଡିଖୋଲ କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୨୭୪ ରନ କରିଥିଲା। ମଙ୍ଗରାଜପୁର ଟିମ୍ ୧୯.୪ ଓଭରରେରେ ସମସ୍ତ ଉଇକେଟ ହରାଇ ୨୩୩ ରନ କରି ପରାଜୟ ବରଣ କରିଥିଲା।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥିଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରଫୁଲ୍ଲ ବାରିକ, ବାବନ ସାହୁ, ବାବୁଲି ମହାରଣା, ମାନସ ସାହୁ, ସୁଦର୍ଶନ ସାହୁ, ଶିକ୍ଷକ ଅଭିମନ୍ୟୁ ମଲ୍ଲିକ, ପଙ୍କଜ ମଲ୍ଲ, ତାଳଜଙ୍ଗ ସରପଞ୍ଚ ବିପିନ ବିହାରୀ ସେଠୀ, ରାଇଛନ୍ଦା ପୂର୍ବତନ ସମିତିସଭ୍ୟ ଗୋବିନ୍ଦ ରାଉତ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ନେତାଜୀ କ୍ଲବ ପକ୍ଷରୁ ପରିଚାଳକ ବଳରାମ ପରିଡ଼ା, ବାବୁଲି ରାଉତ, ପରମାନନ୍ଦ ସାହୁ, ସଞ୍ଜୟ ବାରିକ, ନାରାୟଣ ମଲ୍ଲିକ, ଶ୍ରୀକାନ୍ତ ମହାରଣା, ବାସୁଦେବ ସାହୁ, ଜୟଦେବ ମହାରଣା, ଜଗବନ୍ଧୁ ମଲ୍ଲିକ, ଚନ୍ଦନ ସାହୁ, ପ୍ରଦୀପ ମହାରଣା ମାନସ ବାରିକ, ସଂଜୟ ସାହୁ ଓ ଦେବୁ ସାହୁଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ

**ଧର୍ମଶାଳା,୧।୨ (ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁସ୍ଥିତ ମା' ପଳାଶବୁଢ଼ୀ ଠାକୁରାଣୀ ପୀଠରେ ୩ଦିନ ଧରି ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର ସ୍ଥାନୀୟ ଗ୍ରାମରେ ନଗର ପରିକ୍ରମା କରାଯାଇ ସନ୍ଧ୍ୟାରେ ଦଧି ଚଉଁରାରେ ଦଧିହାଣ୍ଡି ଭଙ୍ଗାଯାଇଥିଲା। ଶୁକ୍ରବାର ରାତିରେ ଶୁଭାଧିବାସ ହୋଇଥିବାବେଳେ ଶନିବାର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର କୀର୍ତ୍ତନମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ଦେବାଶିଷ ପରିଡ଼ା, କେଦାର ଦାସ, ବ୍ରଜକିଶୋର ଦାସ, ଅନାଦୀ ଦାସ ପ୍ରମୁଖ କଳସ ବୁଡ଼ାଇଥିଲେ। ମନୋରଞ୍ଜନ ମିଶ୍ର ପୂଜକ ଭାବେ ଯୋଗ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସୂର୍ଯ୍ୟମଣି



@ ଈଶ୍ୱର



@ ଶୁଭମ୍



@ ଦିବ୍ୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଂସୋଳ, କୁହିକା ମଣ୍ଡଳରେ ହିନ୍ଦୁ ସମ୍ମିଳନୀ

**କାଳିଆପାଣି,୧।୨ (ଅସିତ ମହାନ୍ତ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷ ପୂର୍ତ୍ତି ଅବସରରେ ସୁକିନ୍ଦା ବ୍ଲକ୍ ଅଧୀନ ରାଂସୋଳ ଓ କୁହିକା ମଣ୍ଡଳର ଟିସ୍କୋ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ରବିବାର ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀ ସଂଯୋଜକ ଲମ୍ବୋଦର ଦଳବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଙ୍କିଆ ରାମମନ୍ଦିର ପୂଜକ ବାବା ନରହରି ମହାରାଜ, ମୁଖ୍ୟବକ୍ତାଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବାଲେଶ୍ୱର ବିଭାଗ ସେବା ପ୍ରମୁଖ ଇନ୍ଦ୍ରମଣି ବେହେରା, ସମ୍ମାନିତ ଅତିଥିଭାବେ ସୁକିନ୍ଦା ଗୋଶାଳାର ଗୋ ଶେବକ ମକରନ୍ଦ ଦେହୁରି ଏବଂ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସୁକିନ୍ଦା ଖଣ୍ଡ ବିସ୍ତାରକ ଦେବେନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ହିନ୍ଦୁମାନେ ଜାତି ପ୍ରଥା ଛାଡ଼ି ଏକଜୁଟ ହୋଇ କିପରି ଭାରତ ବର୍ଷକୁ ବିଶ୍ୱଗୁରୁ ଭାବେ ଗଢ଼ି ତୋଳିବେ ସେ ସମ୍ପର୍କରେ ନିଜର ବିଚାର ରଖିଥିଲେ। ହିନ୍ଦୁ ସମାଜ ଜାଗ୍ରତ ନ ହେଲେ ଆଗାମୀ ଦିନରେ ଅଣହିନ୍ଦୁଙ୍କ ଅତ୍ୟାଚାରର ଶିକାର ହେବାକୁ ପଡ଼ିବ, ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ସେମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଅଜୟ ରଥ ପରିଚାଳନା କରିଥିଲେ। ଏହି ଅବସରରେ ସକାଳେ ଡମଶାଳା ନଦୀର ରଙ୍ଗମାଟିଆଠାରୁ ୧୦୮ ମହିଳାଙ୍କ ଏକ କଳସ ଶୋଭାଯାତ୍ରା ଆରମ୍ଭ ହୋଇ ଜଗନ୍ନାଥ ମନ୍ଦିରରେ ଶେଷ ହୋଇଥିଲା। ମନ୍ଦିର ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଖଣି ଅଞ୍ଚଳର ବିଭିନ୍ନ ଗ୍ରାମରୁ ୪ କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା। ଏହି ସଭାରେ ଜିଲା ପରିଷଦ ସଭ୍ୟ ପ୍ରତାପ ପଟ୍ଟନାୟକ, ଶ୍ରମିକ ସଂଘ ସଭାପତି ସବ୍ୟସାଚୀ ବଳସାମନ୍ତଙ୍କ ସମେତ ଖଣି ଅଞ୍ଚଳରୁ ୫୦୦ରୁ ଅଧିକ ହିନ୍ଦୁ ଯୋଗ ଦେଇଥିଲେ। ସର୍ବବ୍ୟବସ୍ଥା ପ୍ରମୁଖ ଭାବେ ଅସିତ ମହାନ୍ତ ଯୋଗଦେଇଥିଲେ। ରବୀନ୍ଦ୍ର ଭଞ୍ଜ, ରାଜକିଶୋର ମହାନ୍ତ, ଦୟାନିଧି ମହାନ୍ତ, ମନୋଜ ମହାନ୍ତ, ଦୁଷ୍ମନ୍ତ ମହାନ୍ତ, ସାଗର ନାୟକ, ପ୍ରଭାତ ନାଥ, ଦିଲୀପ ମହାନ୍ତ ଓ ସୁବ୍ରତ ବାରିକ ପ୍ରମୁଖ ସହଯୋଗ କରିଥିଲେ।



ହିନ୍ଦୁ ସମ୍ମିଳନୀ ଅବସରରେ ଅନୁଷ୍ଠିତ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।

# ଛାତ୍ରୀଙ୍କୁ ସଂସ୍କାରୀ ହେବାକୁ ପରାମର୍ଶ

## ତପୋବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

**କଳିଙ୍ଗନଗର,୧।୨ (ଶୁଭାଶିଷ ରାଉତ):** ଦାନଗଦି ବ୍ଲକ ଅନ୍ତର୍ଗତ ରାମ୍ପିଲୋ ତପୋବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପଞ୍ଚଦଶତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ରବିନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ଗ୍ରହଣ ସହିତ ସଂସ୍କାରୀ ହେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ ବ୍ୟାସନଗର କଲେଜର ପୂର୍ବତନ ଅଧ୍ୟକ୍ଷ କୁଶଚନ୍ଦ୍ର ପ୍ରଧାନ ଯୋଗଦେଇ ଛାତ୍ରୀଙ୍କୁ ଲକ୍ଷ୍ୟ ହାସଲ ନିମିତ୍ତ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ପ୍ରଦୀପ ସେଠୀ ଯୋଗଦେଇ ଛାତ୍ରୀଙ୍କୁ ବିଭିନ୍ନ ଉଦାହରଣ ମାଧ୍ୟମରେ ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଙ୍ଗୁଳି ଚରଣ ପ୍ରଧାନ, ଧୂଳିଗଡ଼ ସିଆରସିସି ମହମ୍ମଦ ନସିମ ମୁବାରକ, ଓଳଳ ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀପ୍ରିୟା ଜେନା, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ନାରଣ ମୁଣ୍ଡା, ପୂର୍ବତନ ସିଆର୍‌ସିସି ଦୁଷ୍ମନ୍ତ ଜେନା, ରାମ୍ପିଲୋ ଗ୍ରାମର ଯୁବ ସଂଗଠକ ଉଲ୍ଲାସ ଜେନା ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ସଂଗ୍ରାମ କେଶରୀ ରାମ ମଞ୍ଚ ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଏହାପରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ଦଶରଥ ଡାଙ୍ଗୀଲ, ରାକେଶ ସାହୁ, ଜିତେନ୍ଦ୍ର ପ୍ରଧାନ, ସସ୍ମିତା ପରିଡ଼ା, ଧରିତ୍ରୀ ସାହୁ, ମହେଶର ସାହୁ, ସୁଶାନ୍ତ ଦ୍ୱିବେଦୀ, ଚନ୍ଦନ ଜେନା, ସୁମିତ୍ରା ସାହୁ, ସ୍ୱର୍ଣ୍ଣଲତା ଜେନା, ଗାୟତ୍ରୀ ତ୍ରିପାଠୀ, ଶକୁନ୍ତଳା ପତି, ମମତାମୟୀ ଦାଶ ଓ ଉଷାରାଣୀ ମାଝୀଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉତ୍ତମ ଖଟୁଆ ଧନ୍ୟବାଦ ଦେଇଥିଲେ।



ଅତିଥି କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଜାନୁଆରୀରେ ୧୪.୪୪ ଏମ୍‌ଏମ୍‌ଟି ପଣ୍ୟ କାରବାର**

ପାରାଦୀପ,(ଶରତ ରାଉତ): ପାରାଦୀପ ବନ୍ଦର ଚଳିତବର୍ଷ ଜାନୁଆରୀରେ ରେକର୍ଡ ୧୪.୪୪ଏମ୍‌ଏମ୍‌ଟି(ମିଲିୟନ ମେଟ୍ରିକ ଟନ)ପଣ୍ୟ କାରବାର କରିଛି। ଏହା ସର୍ବଭାରତୀୟ ବୃହତ ବନ୍ଦର କ୍ଷେତ୍ରରେ ସର୍ବାଧିକ। ଏହା ପୂର୍ବରୁ ପାରାଦୀପ ବନ୍ଦର ଗତ ୨୦୨୪ ଜାନୁଆରୀରେ ସର୍ବାଧିକ ୧୪.୩୨ ଏମ୍‌ଏମ୍‌ଟି ପଣ୍ୟ କାରବାର କରିଥିଲା। ଏପରି ସଫଳତା ଆଗକୁ ଅଧିକ ପଣ୍ୟ କାରବାର ପାଇଁ ପ୍ରୋତ୍ସାହିତ କରିବ ବୋଲି କୁହାଯାଇଛି। ଏଥିପାଇଁ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ସମସ୍ତ ସହଯୋଗୀ ସଂସ୍ଥା, କର୍ମଚାରୀ ଶ୍ରମିକ ଆଦିଙ୍କୁ କୃତଜ୍ଞତା ଜଣାଇଛନ୍ତି।



# ଜନ୍ମୋତ୍ସବରେ ଗୋରେଖନାଥଙ୍କ ପୀଠରେ ୨୦ ହଜାର ଶ୍ରଦ୍ଧାଳୁ

- ଟ୍ରଷ୍ଟ ପକ୍ଷରୁ ଦର୍ଶନାର୍ଥୀଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା
- ଆଲୋକମାଳାରେ ଝଲସିଲା ପ୍ରଭୁଙ୍କ ପୀଠ


ଗୋରେଖନାଥ ପୀଠରେ ଭକ୍ତଙ୍କ ଭିଡ଼।

ରଘୁନାଥପୁର, ୧।୨(ରାଜେନ୍ଦ୍ର ନାରାୟଣ ସିଂହ)

ପବିତ୍ର ଅଗ୍ନି ପୂର୍ଣ୍ଣିମାରେ ଜଗତସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ଜନ୍ମୋତ୍ସବ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପୀଠରେ ପହଞ୍ଚି ପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ ବୋଲି ଗୋରେଖନାଥ ପୀଠ ଉପଦେଷ୍ଟା ସୁଶାନ୍ତ କୁମାର ଦାଶ, ସୁରେନ୍ଦ୍ର ନାଥ ସ୍ୱାଇଁ ଓ ପ୍ରମୋଦ କୁମାର ମହାନ୍ତି କହିଛନ୍ତି।

ବଡ଼ିଭୋରୁ ପ୍ରଭୁଙ୍କୁ ଚିତାଲାଗି କରାଯାଇ ମଙ୍ଗଳ ଆଳତି କାର୍ଯ୍ୟ ସମାପନ ପରେ ପୀଠକୁ ଭକ୍ତଙ୍କ ଆଗମନ ହୋଇଥିଲା। ଧୀରେ ଧୀରେ ଭକ୍ତଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥିଲା। ଦିନତମାମ ପୀଠରେ ଭଜନ କୀର୍ତ୍ତନ ଲାଗି ରହିଥିଲା। ଭିଡକୁ ଦୃଷ୍ଟିରେ ରଖି ଟ୍ରଷ୍ଟ ପକ୍ଷରୁ ପାନୀୟଜଳ, ଶୌଚାଳୟ, ଫାଷ୍ଟଏଡ୍ ଇତ୍ୟାଦି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିଲା। ଟ୍ରାଫିକ ଓ ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ ତିର୍ତ୍ତୋଲ ପୋଲିସ ମୁତୟନ କରାଯାଇଥିଲା। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ଆଗନ୍ତୁକ ଶ୍ରଦ୍ଧାଳୁ ଭକ୍ତଙ୍କ ପାଇଁ ପ୍ରାସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଗୋରେଖ ବାହିନୀ ଓ ସ୍ଥାନୀୟ ଅଞ୍ଚଳର ଯୁବକମାନେ ପ୍ରସାଦ ସେବନ ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ରଙ୍ଗବେରଙ୍ଗ ଆଲୋକମାଳାରେ ପ୍ରଭୁଙ୍କ ପୀଠ ଝଲସି ଉଠିଥିଲା। ରାତିରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ରାତିରେ ଡ୍ରାମା ଉତ୍ସବ ଦେଖି ଦର୍ଶନାର୍ଥୀ ଭରପୂର ମଜା ଉଠାଇଥିଲେ। ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜାଙ୍କ ପରିଚାଳନାରେ ଶୃଙ୍ଖଳାର ସହ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା। ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକ ପୀଠରେ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ସେବା ଯୋଗାଇଥିଲେ। ସ୍ଥାନୀୟ ଗ୍ରାମବାସୀ ତଥା ଆଖପାଖ ଅଞ୍ଚଳର ବ୍ୟକ୍ତିମାନେ ପ୍ରଭୁଙ୍କ ପୀଠରେ ରହି ସେବା କାର୍ଯ୍ୟରେ ସହଯୋଗ କରିଥିଲେ।

# ଅବସର ଏକ ଚିରନ୍ତନ ପ୍ରକ୍ରିୟା


ରଘୁନାଥପୁରରେ କର୍ମଚାରୀଙ୍କ ଗହଣରେ ଅବସର ନେଇଥିବା ଅଧାପିକା ଡ. ଯାଜ୍ଞସେନୀ ରାଉତ ଓ ଅଧାପକ ପ୍ରଶାନ୍ତ ରଞ୍ଜନ ନାୟକ।

ରଘୁନାଥପୁର/ତିର୍ତ୍ତୋଲ, ୧।୨ (ରାଜେନ୍ଦ୍ର ନାରାୟଣ ସିଂହ/ ଗୌରାଙ୍ଗ ଚରଣ ସ୍ୱାଇଁ)

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ବରିଷ୍ଠ ଅଧାପିକା ଡ. ଯାଜ୍ଞସେନୀ ରାଉତ ଓ ଇତିହାସ ବିଭାଗର ବରିଷ୍ଠ ଅଧାପକ ପ୍ରଶାନ୍ତ ରଞ୍ଜନ ନାୟକ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଅଧକ୍ଷ ପ୍ରତାପ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାକ୍ତନ ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ୨ ଅଧାପକଙ୍କ ନୀରୋଗ କାମନା କରିବା ସହ ଅବସର ଏକ ଚିରନ୍ତନ ପ୍ରକ୍ରିୟା, ମାନସିକ ବ୍ୟାଧି ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଅଧକ୍ଷ ରମାରଞ୍ଜନ ସ୍ୱାଇଁ ଯୋଗଦେଇଥିଲେ। ପ୍ରାକ୍ତନ ପ୍ରାଧାପିକା ଡ. ବିରସ କୁମାରୀ ନାୟକ, ପ୍ରସନ୍ନ କୁମାର ତ୍ରିପାଠୀ, କୁଜଙ୍ଗ କଲେଜ ଇଂଲିଶ୍ ଅଧାପକ ଚିତ୍ତରଞ୍ଜନ ସାହୁ, ଅବସରପ୍ରାପ୍ତ ବରିଷ୍ଠ କିରାଣି ରବୀନ୍ଦ୍ରନାଥ ବେହେରା, ବିଜୟାନନ୍ଦ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ୨ ଅଧାପକଙ୍କ କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରିଥିଲେ। ଅଧାପିକା ସ୍ମିତାରାଣୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

ସେହିପରି ତିର୍ତ୍ତୋଲ ବ୍ଲକ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ମହମ୍ମଦାବାଦ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟତମା କୁମାରୀ ଦାଶଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଶିକ୍ଷାବିତ୍ ସୁକାନ୍ତ କୁମାର ରାୟ ଅଧକ୍ଷତା କରିଥିଲେ। ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ଆଡ୍‌ଭୋକେଟ ଦାଶରଥି ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉତ୍ସବ ଉଦ୍‌ଘାଟନ କରିଥିଲେ। ଅଗ୍ରଣୀ ସାହିତ୍ୟାନୁଷ୍ଠାନ ରାଜଶ୍ରୀର ପ୍ରତିଷ୍ଠାତା ଆଶୁକବି ହେମନ୍ତ ଜେନା ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ସରପଞ୍ଚ ଅଶୋକ କୁମାର ନାୟକ, ନିତ୍ୟାନନ୍ଦ ଲେଙ୍କା, ବିଷ୍ଣୁ ପ୍ରସାଦ କାନୁନ୍‌ଗୋ ଓ ପୂର୍ବ ସହ ସମ୍ପାଦିକା ଶିକ୍ଷା ଅଧିକାରୀ ବିଷ୍ଣୁପ୍ରିୟା ଦେବୀ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ ଆଦର୍ଶ ସେବା ଜୀବନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରିୟତମାଙ୍କୁ ଅଙ୍ଗବସ୍ତ୍ର, ମାନପତ୍ର ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅଭିନୟରେ ଦୁଃଖୀରାମ ସ୍ୱାଇଁଙ୍କ ଅବଦାନ ଅତୁଳନୀୟ

**ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନର ୧୭ତମ ବାର୍ଷିକ ଉତ୍ସବ**

**ଜଗତ୍‌ସିଂହପୁରରେ ପ୍ରତିମୂର୍ତ୍ତି ସ୍ଥାପନ ହେବ**

ଜଗତ୍‌ସିଂହପୁର, ୧।୨ (ପ୍ରମୋଦ କୁମାର ନାୟକ)

ଦୁଃଖୀରାମ ସ୍ୱାଇଁ ଏକାଧାରରେ ଜଣେ ମଞ୍ଚ କଳାକାର, ଟେଲିଭିଜନ କଳାକାର ଓ ଚଳଚ୍ଚିତ୍ର ଅଭିନେତା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ। ବିଶେଷକରି ନିଜର ସ୍ୱତନ୍ତ୍ର ଅଭିନୟ ପାଇଁ ଲୋକପ୍ରିୟ ଖଳ ନାୟକ ଭାବେ ଗାଁ ଗହଳିରେ ପରିଚିତ ଥିଲେ। ୧୯୭୬ରେ ଶେଷ ଶ୍ରାବଣ ସିନେମାରେ ନିଖୁଣ ଅଭିନୟ ଯୋଗୁ ତାଙ୍କୁ ଜାତୀୟ ଫିଲ୍ମ ଆୱାର୍ଡ ମିଳିଥିଲା। ଶ୍ରେଷ୍ଠ ସହଯୋଗୀ କଳାକାର ଭାବେ ତାଙ୍କୁ ଓଡ଼ିଶା ଫିଲ୍ମ ଆୱାର୍ଡ ମଧ୍ୟ ମିଳିଥିଲା। ଏଥିସହ ଷ୍ଟେଟ ଫିଲ୍ମ ଆୱାର୍ଡ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଏକାଧିକ ଶ୍ରେଷ୍ଠ ଖଳନାୟକ ସମ୍ମାନ ସାଙ୍ଗକୁ ଜୟଦେବ ପୁରସ୍କାର ଦିଆଯାଇଥିଲା। ଓଡ଼ିଶାର ଏଭଳି ଜଣେ ସୁନାମଧନ୍ୟ କଳାକାର ୧୯୨୫ ଏପ୍ରିଲ ୨୩ରେ ଜଗତ୍‌ସିଂହପୁର ଜିଲାରେ ଜନ୍ମ ଗ୍ରହଣ କରିଥିଲେ। ୧୯୯୫ ଜାନୁଆରୀ ୧୮ରେ ତାଙ୍କର ଦେହାନ୍ତ ହୋଇଥିଲା। କିନ୍ତୁ ଦୁଃଖର କଥା ହେଲା ଜିଲାକୁ ଗୌରବାନ୍ୱିତ କରିଥିବା ଏହି କଳାକାରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜଗତ୍‌ସିଂହପୁର ସହରରେ ପ୍ରତିମୂର୍ତ୍ତିଟିଏ ନାହିଁ। ତେବେ ଜିଲା ମୁଖ୍ୟାଳୟରେ ସ୍ୱର୍ଗତ ସ୍ୱାଇଁଙ୍କ ପ୍ରତିମୂର୍ତ୍ତି ହେବା ଆଶା ଉଜ୍ଜୀବିତ ହୋଇଛି। ସ୍ଥାନୀୟ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନର ୧୭ତମ ବାର୍ଷିକ ଉଦ୍‌ଘାଟନୀ ଉତ୍ସବରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ସ୍ୱାଇଁଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି କହିଥିଲେ। ଏହି ପ୍ରତିଶ୍ରୁତି ଲୋକଙ୍କୁ ଆଶ୍ୱସ୍ତ କରିଛି। ଏହି ଅବସରରେ ବିଧାୟକ କହିଥିଲେ, ଜିଲାର କଳାକାରମାନଙ୍କ ଉନ୍ନତି ପାଇଁ ପ୍ରଶାସନ ଦୃଷ୍ଟିଦେବା ସହ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ପାଇଁ ସଂସ୍କୃତି ଭବନ ଟିକସମୁକ୍ତ କରିବାକୁ ସେ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ, ଜିଲାପାଳ ଜେ. ସୋନାଲ, ଏସ୍‌ପି ଅଙ୍କିତ ବର୍ମା, ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ଓ ସୁନାମଧନ୍ୟ ଚିତ୍ରଶିଳ୍ପୀ ତଥା ଅଭିନେତା ଚିନ୍ତାମଣି ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳା ଓ କଳାକାରମାନଙ୍କ ଉଦ୍ଦେଶ୍ୟରେ ଅନେକ କଥା କହିଥିଲେ। ଉତ୍ସବରେ ପ୍ରତିଷ୍ଠାନର ଛାତ୍ରୀଛାତ୍ରମାନଙ୍କୁ ନେଇ ଚିତ୍ରକଳା ପ୍ରଦର୍ଶନୀ ସାଙ୍ଗକୁ ନାଚ ଓ ଗୀତ ପରିବେଷିତ ହୋଇଥିଲା। ମଧ୍ୟାହ୍ନରେ ଓଡ଼ିଶାର ସୁପରିଚିତ କଳାକାର ଓ ପ୍ରତିଷ୍ଠାନର କଳାକାରମାନଙ୍କ ମଧ୍ୟରେ ଭାବ ବିନିମୟ ହୋଇଥିଲା।

ଉଦ୍‌ଯାପନୀ ସମାରୋହରେ ସଙ୍ଗୀତ ନିର୍ଦ୍ଦେଶକ ମିହିର ମହାନ୍ତି, ଓଡ଼ିଶା ମୋସନ ପିକ୍‌ଚର ଓ ଟେକ୍ନିସିଆନସ ଆଣ୍ଡ ୱାର୍କର୍ସ ଆସୋସିଏଶନ ସାଧାରଣ ସମ୍ପାଦକ ନିରଞ୍ଜନ ଦାଶ, କଣ୍ଠଶିଳ୍ପୀ ସଂଗ୍ରାମ କେଶରୀ ମହାନ୍ତି, ଫାଇଟ ମାଷ୍ଟର ଓ ନିର୍ଦ୍ଦେଶକ ଶୈଳେନ୍ଦ୍ର ପରିଡ଼ା, ଅଭିନେତା ଦେବାଶିଷ, ଅଭିନେତା ମାତୃପ୍ରସାଦ ଦାଶ, ନାଟ୍ୟକାର କୈଳାସ ମଲ୍ଲିକ, ଚିତ୍ର ଶିଳ୍ପୀ ସୁରେଶ କୁମାର ଚୌଧୁରୀ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପ୍ରତିଷ୍ଠାନର ଶୁଭଦର୍ଶିନୀ ନାୟକ, ପଦ୍ମଜା ସ୍ୱାଇଁ, ଅମିତ ଅଂଶୁମାନଙ୍କୁ ସ୍ୱତନ୍ତ୍ର ସମ୍ମାନ ଦିଆଯାଇଥିଲା। ପ୍ରତିଷ୍ଠାନର ଉପଦେଷ୍ଟା ନଗେନ ପଣ୍ଡା ଅତିଥି ପରିଚୟ, ଶରତ ବାରିକ ବିବରଣୀ ପାଠ ଓ ଆଇନଜୀବୀ ନରେଶ ଦାସ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ଈଶ୍ୱର ଚନ୍ଦ୍ର ନନ୍ଦ, ଉପଦେଷ୍ଟା ସୁଭାଷ ରାଉତ, ଲିପ୍ସି କୁମାର ଖୁଣ୍ଟିଆ, ନିଖିଳ ରଞ୍ଜନ ନାୟକ, ଦୁର୍ଗା ପ୍ରସାଦ ସ୍ୱାଇଁ, ବିଜୟ କୁମାର ରଥ ଓ ପ୍ରତାପ ଚନ୍ଦ୍ର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।


ପାରାଦୀପ ନୂଆବଜାରସ୍ଥିତ ବି ଟାଇପ କଲୋନୀରେ ରବିବାର ସନ୍ଧ୍ୟାରେ କଲୋନୀ ବାସିନ୍ଦାମାନେ ଅଗିରା ପୂର୍ଣ୍ଣିମା ଉପଲକ୍ଷେ ନିଆଁ ଲଗାଇ ଉତ୍ସବ ମନାଉଛନ୍ତି। (ଫଟୋ: ଶରତ ରାଉତ)

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସୂର୍ଯ୍ୟମଣି


@ ଈଶ୍ୱର


@ ଶୁଭମ୍


@ ଦିବ୍ୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍ୱଦେଶୀ ଆପଣାଇଲେ ବିକଶିତ ରାଷ୍ଟ୍ର ହୋଇପାରିବ


ବନ୍ଦେ ମାତରମ୍ କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ରଙ୍କ ଗହଣରେ ପରେଶ ନାୟକ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

**କୁଜଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ବନ୍ଦେ ମାତରଂ କାର୍ଯ୍ୟକ୍ରମ**

କୁଜଙ୍ଗ, ୧।୨(ମନୋଜ ପ୍ରଧାନ)

ସ୍ୱଦେଶୀ ଆପଣାଇ ପାରିଲେ ଆମର ଅର୍ଥନୀତି ସୁଦୃଢ଼ ହେବା ସହ ଭାରତବର୍ଷ ଏକ ବୈଭବଶାଳୀ ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିବ ବୋଲି କୁଜଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା କେନ୍ଦ୍ରଠାରେ ଆୟୋଜିତ ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମ୍‌ର ୧୫୦ ତମ ବର୍ଷ ପୂର୍ତ୍ତି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ତଥା ବିବି ହାଇସ୍କୁଲ ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରା ଯୋଗଦେଇ କହିଥିଲେ। ବରିଷ୍ଠ ଶିକ୍ଷକ ସୁବାସ ଚନ୍ଦ୍ର ସେନାପତି ଏଥିରେ ସଂଯୋଜନା କରିଥିଲେ।

ଏହି ଅବସରରେ ବେହେରା କହିଥିଲେ, ରାଷ୍ଟ୍ରୀୟ ସଙ୍ଗୀତ ଗାନ କରି ୧୯୦୫ରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଆମକୁ ୧୫୦ ବର୍ଷରେ ପୁନର୍ବାର ସେହି ବନ୍ଦେ ମାତରମ୍‌କୁ ସମୂହ ଗାନ କରିବାକୁ ପଡୁଛି। ଆମକୁ ୨୦୪୭ରେ ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ହେଲେ ରାଷ୍ଟ୍ର ପ୍ରେମରେ ଉଦ୍‌ବୁଦ୍ଧ ହୋଇ ସ୍ୱଦେଶୀକୁ ଆପଣାଇବାକୁ ପଡ଼ିବ। ଉକ୍ତ ଉତ୍ସବରେ ସମ୍ମାନିତ ଅତିଥିଭାବେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ତଥା ଏମ୍‌ପିଙ୍କ ପ୍ରତିନିଧି ସ୍ମୃତିରଞ୍ଜନ ବେହେରା ଓ ବିଧାୟକଙ୍କ ପ୍ରତିନିଧି ଦିଲିପ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ବିବି ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ସମେତ ଉପସ୍ଥିତ ସମସ୍ତେ ସାମୂହିକ ବନ୍ଦେ ମାତରମ୍ ଗାନ କରିଥିଲେ। ଏହି ଅବସରରେ ଅଷ୍ଟମ ଶ୍ରେଣୀ ଛାତ୍ର ପରେଶ ନାୟକ ଓ ପ୍ରୟାସୀ ଦାସଙ୍କ ଦ୍ୱାରା ପରିବେଷିତ ଦେଶାତ୍ମବୋଧକ ଓଡ଼ିଶୀ ନୃତ୍ୟ ମନ୍ତ୍ରମୁଗ୍ଧ କରିଥିଲା। ଏହି ଉତ୍ସବ ଉପଲକ୍ଷେ ପୂର୍ବରୁ ବିଦ୍ୟାଳୟ ସ୍ତରରେ ଆୟୋଜିତ ବକ୍ତୃତା, ନୃତ୍ୟ ଗୀତରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଶେଷରେ ଅତିଥିମାନେ ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଗୁନିବାଳା ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚାଷରେ ଉନ୍ନତି ଆଣିପାରିବ ଆଧୁନିକ ଯନ୍ତ୍ରପାତି

**ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ**

ଜଗତ୍‌ସିଂହପୁର, ୧।୨ (ପ୍ରମୋଦ କୁମାର ନାୟକ)

ଜାନୁଆରୀ ୨୭ରୁ ଆରମ୍ଭ ହୋଇଥିବା ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଯାପିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଧୁନିକ ଜ୍ଞାନ କୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ଦ୍ୱାରା ଚାଷୀ ଚାଷ କ୍ଷେତ୍ରରେ ଉନ୍ନତି କରିପାରିବେ ବୋଲି କହିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ କୁଳମଣି ବାରିକ ପୌରୋହିତ୍ୟ କରି କହିଥିଲେ, ଫାର୍ମ ଯାନ୍ତ୍ରିକୀକରଣ ଓ ବୈଷୟିକ ଜ୍ଞାନକୌଶଳର ପ୍ରୋତ୍ସାହନ କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ। ସମ୍ପ୍ରତି ଶିକ୍ଷିତ ଯୁବତୀ, ଯୁବକମାନଙ୍କୁ ପ୍ରଶିକ୍ଷିତ କରି କୃଷି କ୍ଷେତ୍ରରେ ମନୋନିବେଶ ପାଇଁ ପ୍ରୋତ୍ସାହିତ କରିପାରିଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। କାର୍ଯ୍ୟକ୍ରମରେ କୃଷି ବିଭାଗ କଟକ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଇ.ଂ ପ୍ରଶାନ୍ତ କୁମାର ଜେନା, ଜଗତ୍‌ସିଂହପୁର ଜିଲା କୃଷି ଅଧିକାରୀ ବିଶ୍ୱଜିତ ପଣ୍ଡା ଓ ତିର୍ତ୍ତୋଲ ଜିଲା କୃଷି ଅଧିକାରୀ ବିଭୁଦତ୍ତ ସାହୁ ଯୋଗଦେଇ କହିଥିଲେ, ଜଗତ୍‌ସିଂହପୁର ଜିଲାରେ କୃଷିର ଅପାର ସମ୍ଭାବନା ରହିଛି। କୃଷକ ବନ୍ଧୁମାନଙ୍କୁ କୃଷି ଭିତ୍ତିକ ଜ୍ଞାନ କୌଶଳ ଓ ପ୍ରଶିକ୍ଷଣ ଦିଆଗଲେ ଅନେକ କିଛି ହୋଇପାରିବ। କୃଷି କ୍ଷେତ୍ରରେ ମହିଳା ସଶକ୍ତୀକରଣର ଆବଶ୍ୟକତା ଥିବା ସେ କହିଥିଲେ। ଏହି ଅବସରରେ ଅଗ୍ରଣୀ ଚାଷୀ ଭାବେ ଜତିପଦା ନନ୍ଦ, ଜୟନ୍ତୀ ଜେନା, ସୁବ୍ରତ ସ୍ୱାଇଁ, ଶୁଭେନ୍ଦୁ ମୁଦୁଲି, ରାଜକିଶୋର ପାଢ଼ୀ, ସୁମନ୍ତ କୁମାର ସ୍ୱାଇଁ, ନିମାଇଁ ବସ୍ତିଆ, ରେବତୀ ମୋହନ୍ତୀଙ୍କୁ ଅର୍ଥ ରାଶି ସହ ସମ୍ମାନିତ କରାଯାଇଥିଲା। ମେଳାର ୫ ଦିନରେ ସର୍ବାଧିକ କୃଷି ଯନ୍ତ୍ରପାତି ବିକ୍ରୟ କରିଥିବା ୩ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ବିଜେତାମାନେ ସେମାନଙ୍କ ପୁରସ୍କାର ରାଶି ଜିଲାପାଳଙ୍କ ରେଡ୍‌କ୍ରସ ପାଣ୍ଠିକୁ ଦାନ କରି ଦେଇଥିଲେ। ମେଳାରେ ବିଭିନ୍ନ ବିଭାଗ ପକ୍ଷରୁ ମୋଟ ୬୦ଟି ଷ୍ଟଲ କରାଯାଇଥିଲା। ଯେଉଁଥିରୁ ୪୧ଟିରେ ଉନ୍ନତ ଯନ୍ତ୍ରପାତି ପ୍ରଦର୍ଶିତ ହୋଇଥିଲା। ଶେଷରେ ଜିଲା କୃଷି ଅଧିକାରୀ ଧନ୍ୟବାଦ ଦେଇଥିଲେ।


ଅତିଥିମାନେ ଜଣେ ଚାଷୀଙ୍କୁ ପୁରସ୍କୃତ କରୁଛନ୍ତି।

# କ୍ରିକେଟ୍ ଟୁର୍ନାମେଣ୍ଟ: ଇଲେଭେନ ଷ୍ଟାର ଚାମ୍ପିୟନ

ଏରସମା, ୧।୨ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଆଞ୍ଚଳିକ ଯୁବ ପରିଷଦ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁରର ଇଲେଭେନ ଷ୍ଟାର ଚାମ୍ପିୟନ ହୋଇଛି। କଟକର ସୋଲାର କ୍ରିକେଟ କ୍ଲବ ଓ ଯାଜପୁରର ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ମଧ୍ୟରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଇଲେଭେନ ଷ୍ଟାର ଟସ୍ ଜିତି ଫିଲଡିଂ କରିଥିଲା। ସୋଲାର କ୍ରିକେଟ ୧୯ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରିଥିଲା। ଜବାବରେ ଇଲେଭେନ ଷ୍ଟାର ନିର୍ଦ୍ଧାରିତ ୨୦ ଓଭର ଖେଳି ୯ ଉଇକେଟ ହରାଇ ୧୬୬ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଅମ୍ପାୟର ଭାବେ ସୁବ୍ରତ କୁମାର ବରାଳ, ସଞ୍ଜୟ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ। ରୁହିଲ ହନିଫ ମ୍ୟାନ୍ ଅଫ ଦି ମ୍ୟାଚ, ହର୍ସଲ ହେକଡେ ମ୍ୟାନ୍ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଅନୁଷ୍ଠାନର ସଭାପତି ଜ୍ୟୋତି ରଞ୍ଜନ କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡା ଯୁବକମାନଙ୍କ ମଧ୍ୟରେ ସଦ୍‌ଭାବନା ଓ ଐକ୍ୟଭାବ ସୃଷ୍ଟି କରେ ବୋଲି କହିଥିଲେ। ଏଥିରେ ଏରସମା ଥାନା ଆଇଆଇସି ପ୍ରେମଜିତ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ରୀଡ଼ାର ଆବଶ୍ୟକତା ଉପରେ ବକ୍ତବ୍ୟ ଦେଇଥିଲେ। ବାଲିକୁଦା-ଏରସମା ଯୁବ ବିଜେଡି ସଭାପତି ପାର୍ଥ ସାରଥୀ ରାଉତ, ସ୍ଥାନୀୟ ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ସାମାଜିକ କର୍ମୀ ସମୀର ରଞ୍ଜନ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମାନସ ଖଟୁଆ, ଜୟନ୍ତ ସେଠୀ, ଅମନ ଗୋଚ୍ଛାୟତ, ସୁନୀଲ ମୁଦୁଲି, ସୁରେନ୍ଦ୍ର ସାମଲ, ଲିଙ୍କନ ମହାନ୍ତି ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

# ମାର୍ଚ୍ଚରେ ଚାଷୀଙ୍କ କାମରେ ଲାଗିବ କୁସୁମୀ ବ୍ୟାରେଜ୍

■୩ ବ୍ଲକର ୩,୭୪୫ ହେକ୍ଟର ଜମି ହେବ ଜଳସେଚିତ

■ଶେଷ ପର୍ଯ୍ୟାୟରେ ଭୂତଳ କେନାଲ ପାଇପ୍‌ଲାଇନ୍ କାମ

ନୟାଗଡ଼,୧।୨(ଲୋକନାଥ ମିଶ୍ର)


କୁସୁମୀ ବ୍ୟାରେଜ

ନୟାଗଡ଼ ବ୍ଲକ ବଡ଼ପଣ୍ଡୁସର ପଞ୍ଚାୟତ ସୁନାଲଟିଠାରେ କୁସୁମୀ ଓ ଦୁଆଣ୍ଟ ନଦୀର ମିଳନ ସ୍ଥଳରେ ନିର୍ମାଣ କରାଯାଇଥିବା କୁସୁମୀ ବ୍ୟାରେଜ୍। ଏହି କାର୍ଯ୍ୟ ୨୦୨୬ ଫେବୃଆରୀରେ ଶେଷ ହେବ ବୋଲି ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲା ପରିଷଦ ବୈଠକରେ ଗତ ୨୭ ତାରିଖରେ ସୂଚନା ଦେଇଛନ୍ତି। ଫେବୃଆରୀରେ ଭୂତଳ କେନାଲ ପାଇପଲାଇନ୍ କାମ ଶେଷ ହେଲେ ଭାପୁର, ନୟାଗଡ଼ ଓ ଖଣ୍ଡପଡ଼ା ଆଦି ୩ଟି ବ୍ଲକର ୩,୭୪୫ ହେକ୍ଟର ଜମି ଜଳସେଚିତ ହେବ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଯେ, କୁସୁମୀ ପ୍ରକଳ୍ପ ପାଇଁ ୨୦୦୮ରେ ପରିକଳ୍ପନା କରାଯାଇଥିଲା । ୨୦୧୪ ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏହାକୁ ଶିଳାନ୍ୟାସ କରିଥିଲେ। ପ୍ରକଳ୍ପ ପାଇଁ ୨୩୦ କୋଟି ୩୯ ଲକ୍ଷ ମଞ୍ଜୁର ହୋଇଥିଲା। ଏଥିରୁ ୭୦ କୋଟି ୮ ଲକ୍ଷ ଟଙ୍କା ବ୍ୟାରେଜ୍ ପାଇଁ ରହିଥିବା ବେଳେ ମେକାନିକାଲ କାର୍ଯ୍ୟ ପାଇଁ ୧୧ କୋଟି ୧୩ ଲକ୍ଷ ଓ ଭୂତଳ ପାଇପ୍‌ଲାଇନ୍ ବ୍ୟବସ୍ଥାରେ ଚାଷଜମିକୁ ଜଳସେଚନ କାର୍ଯ୍ୟ ପାଇଁ ୧୪୮ କୋଟି ୧୮ ଲକ୍ଷ ରହିଥିଲା। ୨୫।୧୦।୨୩ରେ କାମ ଆରମ୍ଭ ହୋଇଥିବା ବେଳେ ୨୪।୪।୨୦୨୫ରେ କାମ ଶେଷ ହେବାର ଥିଲା। କାମ ଶେଷ ହେଉ ନ ଥିବାରୁ ପ୍ରସଙ୍ଗ ବିଧାନସଭାରେ ବି ଉଠିଥିଲା। ପ୍ରକଳ୍ପ ହେଲେ ନୟାଗଡ଼ ବ୍ଲକର ବଡ଼ପଣ୍ଡୁସର, ଇଟିରି, ବିରୁଡା, ବାଉଁଶିଆପଡ଼ା ଓ ଶରଣକୁଳ ପରି ୫ ପଞ୍ଚାୟତର ୪୯ ଗାଁର ଚାଷୀ ଉପକୃତ ହେବେ। ଅନ୍ୟପକ୍ଷେ ବ୍ୟାରେଜର ଡାହାଣ ପଟରେ ନୟାଗଡ଼ ବ୍ଲକର ୨୦୬୮ ହେକ୍ଟର, ଖଣ୍ଡପଡା ବ୍ଲକ ୯୧୨ ହେକ୍ଟର ଓ ଭାପୁର ବ୍ଲକର ୭୬୫ ହେକ୍ଟର ଏପରି ମୋଟ ୩,୭୪୫ ହେକ୍ଟର ଜମି ପ୍ରାୟ ଦେଢ଼ ଲକ୍ଷ ଚାଷୀଙ୍କର ଜଳସେଚିତ ହେବ । ୨୦୨୪ ନିର୍ବାଚନ ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଲୋକାର୍ପଣ କରିଥିଲେ। ସେହିଭଳି କୁସୁମୀ ପାଇଁ ଭୂତଳ କେନାଲ ପାଇପ୍‌ଲାଇନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୦୨୫ ଶେଷ ହୋଇଯାଇଥିବା ବେଳେ ପାଇପ୍‌ଲାଇନ୍ କାମ ଶେଷ ହେଉ ନ ଥିବାରୁ ଚାଷୀ ଅସନ୍ତୋଷ ବ୍ୟକ୍ତ କରି ଆସୁଥିଲେ। ଏନେଇ ନୟାଗଡ଼ର ଚାଷୀ ରାମଚନ୍ଦ୍ର ସାହୁ କୁହନ୍ତି, କୁସୁମୀ ବ୍ୟାରେଜ୍‌ରୁ ଭୂତଳ କେନାଲ ପାଇପ୍‌ଲାଇନ୍‌ରେ ନୟାଗଡ଼, ଖଣ୍ଡପଡ଼ା ଓ ଭାପୁର ବ୍ଲକର ଜମିରେ ପାଣି ମାଡ଼ିବ ବୋଲି ଚାଷୀଙ୍କୁ ସ୍ୱପ୍ନ ଦେଖାଯାଉଛି। ହେଲେ ପ୍ରକଳ୍ପ ଉଦ୍‌ଘାଟନ ପରେ ଜଣାପଡ଼ିବ ସତରେ କେତେ ଜମିରେ ପାଣି ମାଡୁଛି। କେଉଁ ବ୍ଲକର ଚାଷୀ ଉପକୃତ ହେବେ। ଅନ୍ୟପକ୍ଷେ ନୟାଗଡ଼ ବ୍ଲକର କେତେ ଚାଷୀଙ୍କ ଜମି ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେଉଛି କି ନା ସମୟ କହିବ। ଭାପୁର ବ୍ଲକର ବିକ୍ରମ ନାୟକ ଓ ଖଣ୍ଡପଡ଼ା ବ୍ଲକର ଶ୍ରୀଧର ପ୍ରଧାନ କୁହନ୍ତି, ନୟାଗଡ଼ ଜିଲାରେ ମହାନଦୀ, ବୃଦ୍ଧଙ୍ଗ ପରି ୧୦ରୁ ଊର୍ଦ୍ଧ୍ୱ ନଦୀ ଥିବାବେଳେ ଜଳସେଚନ ବ୍ୟବସ୍ଥା ନାହିଁ। ଚାଷୀ ବର୍ଷାପାଣି ଉପରେ ନିର୍ଭର କରି ଚାଷ କରିବାକୁ ପଡୁଛି। ବୃଦ୍ଧଙ୍ଗ ପ୍ରକଳ୍ପ କେବଳ ଶୁଣିବାକୁ ମିଳୁଛି। କେବେ ବୃଦ୍ଧଙ୍ଗ ପ୍ରକଳ୍ପ କାର୍ଯ୍ୟକାରୀ ହେବ, ସେନେଇ ଚାଷୀ ଅପେକ୍ଷାରତ। ଏଭଳିସ୍ଥଳେ କୁସୁମୀ ବ୍ୟାରେଜ୍ ମାର୍ଚ୍ଚ ମାସରେ ଲୋକାର୍ପଣ ହେବ ବୋଲି କୁହାଯାଉଛି। ଦେଖାଯାଉ ଆମେ ଉପକୃତ ହେଉଛୁ ନା କ'ଣ। ଜଳସମ୍ପଦ ବିଭାଗ ତାଲିକାରେ ଆମେ ଅଛୁ, ହେଲେ ଆମ ଜମିରେ ପାଣି ମାଡିବ କି ନା ସମୟ କହିବ ବୋଲି କହିଛନ୍ତି।

# ପାଇକ ଆଖଡ଼ାରେ ବୀରତ୍ୱ ପ୍ରଦର୍ଶନ



ମଞ୍ଚରେ ଅତିଥିବୃନ୍ଦ ।

ନୂଆଗାଁ,୧।୨(ଧନେଶ୍ୱର ସାହୁ)

## ପଞ୍ଚୁପାଣ୍ଡବ ମହୋତ୍ସବ ପଲ୍ଲିଶ୍ରୀ ମେଳା

ନୟାଗଡ ଜିଲା ନୂଆଗାଁ ବ୍ଲକ କଲେଜ ସମ୍ମୁଖ ହାଇସ୍କୁଲ ପଡ଼ିଆରେ ଆୟୋଜିତ ପଞ୍ଚୁପାଣ୍ଡବ ମହୋତ୍ସବ ପଲ୍ଲିଶ୍ରୀ ମେଳା ୨୦୨୬ ରବିବାର ତୃତୀୟ ସନ୍ଧ୍ୟାରେ ପ୍ରଦର୍ଶିତ ହୋଇଥିବା ପାଇକ ଆଖଡା ଓଡ଼ିଆର ବିରତ୍ୱକୁ ପ୍ରଦର୍ଶନ କରିଛି।

ମହୋତ୍ସବ କମିଟି ଦ୍ୱାରା ଶନିବାରଠାରୁ ଅନୁଷ୍ଠିତ ହେଉଥିବା ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ୪ ଦିନ ଧରି ଅନୁଷ୍ଠିତ ହୋଇ ସୋମବାର ଉଦ୍‌ଯାପିତ ହେବ। ରବିବାର ତୃତୀୟ ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳର କୁନି କଳାକାରମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପ୍ରୟାଶ ବେଶ ଆଦୃତ ହୋଇପାରିଛି। ପେଷାଦାର କଳାକାରମାନଙ୍କଠାରୁ ସ୍ଥାନୀୟ କଳାକାରମାନଙ୍କ ନୃତ୍ୟ ପ୍ରଦର୍ଶନ କୌଣସି ଦିଗରୁ କମ ନ ଥିଲା ବୋଲି ଦର୍ଶକମାନେ ମତ ରଖିଥିଲେ। ତୃତୀୟ ସନ୍ଧ୍ୟାରେ ମହୋତ୍ସବ କମିଟି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ,ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ଅତିରିକ୍ତ ଜିଲାପାଳ ରୋଜିନା ଦାସ, ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା ,ଦଶପଲ୍ଲା ଏନଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗ ଦେଇଥିଲେ। ତୃତୀୟ ସନ୍ଧ୍ୟାରେ ଖୋର୍ଦ୍ଧା ପାଇକ ଆଖଡା ଓଡ଼ିଶା ମାଟିର ବୀରତ୍ୱର କଥା କହିଥିଲା। ମା' ମଙ୍ଗଳା ଯୋଡି ଶଙ୍ଖ ,କଟକ ନଟରାଜ ଡ୍ୟାନ୍ସ ଏକାଡେମୀ ଓ ଶକ୍ତି ମିଶ୍ରଙ୍କ ମେଲୋଡି ଦର୍ଶକମାନେ ମନଭରି ଉପଭୋଗ କରିଥିଲେ।

# ଦୁଇ ନିଖୋଜ ନାବାଳକଙ୍କୁ ଉଦ୍ଧାର କଲା ପୋଲିସ

ଭାପୁର,୧।୨(ପ୍ରଭାତ ବରାଡ)

ଫତେଗଡ ଥାନା ଅନ୍ତର୍ଗତ ବନମାଳୀପୁର ପଞ୍ଚାୟତର ଦୁଇ ନିଖୋଜ ନାବାଳକଙ୍କୁ ପୋଲିସ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛି। ଘଟଣାରୁ ପ୍ରକାଶ ବନମାଳୀପୁର ପଞ୍ଚାୟତର ଦୁଇ ଦଶମ ଶ୍ରେଣୀର ଛାତ୍ର ସାଇକେଲ ନେଇ ଟିୟୁସନକୁ ଯାଇଥିଲେ। ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ବନ୍ଧୁବାନ୍ଧବ ଘର ସବୁଠି ଖୋଜାଖୋଜି କରିଥିଲେ। ହେଲେ ସେମାନଙ୍କର କୌଣସି ସନ୍ଧାନ ନ ମିଳିବାରୁ ଫତେଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଫତେଗଡ ପୋଲିସ ଦୁଇଜଣ ଛାତ୍ରୀଙ୍କୁ ଭୁବନେଶ୍ୱର ଖଣ୍ଡଗିରି ମେଳାରୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛି। ପୋଲିସଙ୍କ ସୂଚନା ଅନୁଯାୟୀ ଦୁଇ ନାବାଳକ ଖଣ୍ଡଗିରି ମେଳାକୁ ଯାଇ ନାଟକ ଦେଖିବା ପାଇଁ ମନସ୍ଥ କରିଥିଲେ। ହେଲେ ପାଖରେ ଟଙ୍କା ନ ଥିଲା କିମ୍ବା ଘରେ କହିଲେ ଛାଡ଼ିବେ ନାହିଁ ଭାବି ନିଜର ସାଇକେଲ ବିକ୍ରି କରି ସେଇ ଟଙ୍କାରେ ବସ୍‌ରେ ଭୁବନେଶ୍ୱର ଯାଇଥିଲେ। ଖଣ୍ଡଗିରି ମେଳାରେ ବୁଲୁଥିବା ବେଳେ ଫତେଗଡ ପୋଲିସ ଉଦ୍ଧାର କରିଥିବା ଜଣାପଡିଛି।

# ଦୂତୀକେଶ୍ୱର ମହାଦେବଙ୍କ ବିଶ୍ୱ ଶାନ୍ତି ଶୈବ ଯଜ୍ଞ

ଓଡ଼ଗାଁ, ୧।୨
(ଆଦର୍ଶ କୁମାର ପଟ୍ଟନାୟକ)

## ସପ୍ତଶମ୍ଭୁ ମିଳନ ମହୋତ୍ସବ ଉଦ୍‌ଯାପିତ

ଓଡ଼ିଶାର ଅନ୍ୟତମ ଶୈବପୀଠ ଭାବରେ ପ୍ରସିଦ୍ଧିଲାଭ କରିଥିବା ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଜାମୁପାଟଣା ଶୂଳିଆ ପାହାଡ଼ ପାଦଦେଶରେ ବିଜେ ପଶ୍ଚିମ ମୁଖା ଫୁଟା ଲିଙ୍ଗ ବାବା ଦୂତୀକେଶ୍ୱର ମହାଦେବଙ୍କ ପୀଠରେ ୮୪ତମ ବିଶ୍ୱ ଶାନ୍ତି ଶୈବ ଯଜ୍ଞ ଓ ୪୦ତମ ସପ୍ତଶମ୍ଭୁ ମିଳନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପଟୁଆର ନେଇ ଆସିଥିବା ସୁନାମୁହିଁରୁ ଚମ୍ପେଶ୍ୱର ମହାଦେବ, ଗୋଡି ପାଟଣା ନିମେଶ୍ୱର, କୋରପିଠା ଏବଂ ଆମ୍ବପଡାରୁ ବାଲୁଙ୍କେଶ୍ୱର,ହାତିଆଶିଳାରୁ ସୋମନାଥ ଦେବ,ବାହାଡ଼ାଖୋଲାରୁ ଫୁଲେଶ୍ୱର ମହାଦେବଙ୍କୁ ବାବା ଦୂତୀକେଶ୍ୱର ମହାଦେବ ବରଣ କରି ସ୍ୱାଗତ ସମ୍ବର୍ଦ୍ଧନା ପୂର୍ବକ ଶନିବାର ଅପରାହ୍ନରେ ମିଳନ ମଣ୍ଡପକୁ ନେଇଥିଲେ। ରବିବାର ପୂର୍ଣ୍ଣିମା ତିଥିରେ ସପ୍ତଶମ୍ଭୁଙ୍କ ମିଳନ ମହୋତ୍ସବ ଅନୁଷ୍ଠିତ ହେବା ସହିତ ଅପରାହ୍ନରେ ପୂର୍ଣ୍ଣାହୁତି ପ୍ରଦାନ,ପ୍ରସାଦ ସେବନ ପୂର୍ବକ ଯଜ୍ଞ କାର୍ଯ୍ୟ ସମାପନ ହୋଇଥିଲା। ୨୭ ଖଣ୍ଡ ମୌଜାବାସୀଙ୍କ ତରଫରୁ ମନ୍ଦିର କମିଟି ସଭାପତି ଲୋକନାଥ ସାହୁ,ଉପସଭାପତି ପ୍ରଫୁଲ୍ଲ ମାଝି,ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଭୁଜବଳ,କୋଷାଧ୍ୟକ୍ଷ ପ୍ରତାପ କୁମାର ଜେନା, ଗଣେଶ୍ୱର ନାୟକ ଏବଂ ଅନ୍ୟ ପ୍ରମୁଖଗଣ ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟ ଭାବେ ପଣ୍ଡିତ ଶାନ୍ତନୁ କୁମାର ଦାଶଙ୍କ ନେତୃତ୍ୱରେ,ପଣ୍ଡିତ ନାରାୟଣ ଦାଶ,ହେମନ୍ତ କୁମାର ହୋତା ଓ ଗୋଦାବରୀ ଷଡ଼ଙ୍ଗୀ ପ୍ରମୁଖ ବୈଦିକ କର୍ମକାଣ୍ଡି ବ୍ରାହ୍ମଣମାନେ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ପାଳିଆ ସେବାୟତ ଓ ପୂଜକ ସେବାୟତମାନେ ହଜାର ହଜାର ସଂଖ୍ୟାରେ ଭକ୍ତମାନଙ୍କୁ ଦୂତୀକେଶ୍ୱର ମହାଦେବଙ୍କ ଦର୍ଶନ କରାଇ ପ୍ରଭୁ କୃପା ଲାଭ କରାଇବାରେ ସହଯୋଗ କରିଥିଲେ।

# ରାଜସ୍ୱ ବଙ୍ଗଳାକୁ ପଥପ୍ରାନ୍ତ ସୁବିଧା କେନ୍ଦ୍ର କରିବାକୁ ଦାବି

ଖଣ୍ଡପଡ଼ା,୧।୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ଉପକଣ୍ଠ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ ନିକଟରେ ଅବସ୍ଥିତ ରାଜସ୍ୱ ବଙ୍ଗଳାଟି ଦୀର୍ଘ ଦୀର୍ଘ ବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି। ରାଜରାଜୁଡା ଅମଳରୁ ପ୍ରାକୃତିକ ପରିବେଶରେ ଏହି ବଙ୍ଗଳାଟି ଏକଦା ନିର୍ମାଣ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଏହି ବଙ୍ଗଳାଟି ଖଣ୍ଡପଡ଼ା ତହସିଲ କର୍ତ୍ତୃପକ୍ଷଙ୍କ ଅଧିନରେ ରହିଥିବା ଜଣାଯାଇଛି। ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ଏହି ବଙ୍ଗଳାର ପୁନରୁଦ୍ଧାର କାର୍ଯ୍ୟ ପୂର୍ତ୍ତବିଭାଗ ପକ୍ଷରୁ ଗତ ୨ ବର୍ଷ ତଳେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ କରାଯାଇଥିଲା। ମାତ୍ର ଏବେ ଉକ୍ତ ବଙ୍ଗଳାଟିରେ ତାଲା ଝୁଲୁଥିବା ଜଣାପଡିଛି। ଦୈନିକ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀକୁ ଏକାଧିକ ପର୍ଯ୍ୟଟକ ଓ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର ଆସୁଥିବା ଜଣାପଡିଛି। ପର୍ଯ୍ୟଟକଙ୍କ ଆନୁସଙ୍ଗିକ ସୁବିଧାକୁ ଦୃଷ୍ଟିରେ ରଖି ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ଉକ୍ତ ବଙ୍ଗଳାଟିକୁ ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ପରିଣତ କରିବାକୁ ସାଧାରଣରେ ଦାବି ହେଉଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସୂର୍ଯ୍ୟମଣି


@ ଈଶ୍ୱର


@ ଶୁଭମ୍


@ ଦିବ୍ୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହିଳାଙ୍କ ବିକାଶସାମ୍ପ୍ରତିକ ସମୟରେ ଆହ୍ୱାନ


କାର୍ଯ୍ୟକ୍ରମରେ ଅଧ୍ୟାପିକା , ଅଧ୍ୟାପକଙ୍କ ସହ ଛାତ୍ରୀଛାତ୍ର ।

ନୟାଗଡ଼,୧।୨(ଲୋକନାଥ ମିଶ୍ର)

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ମହିଳା ଓ ବିକାଶ ସାମ୍ପ୍ରତିକ ସମୟରେ ଆହ୍ୱାନ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଲୋକ ପ୍ରଶାସନ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ ଯୋଗ ଦେଇଥିଲେ। ପ୍ରାଚୀନ ସମୟରୁ ବର୍ତ୍ତମାନ ପର୍ଯ୍ୟନ୍ତ ମହିଳାମାନଙ୍କ ସ୍ଥିତି, ଆହ୍ୱାନ ଏବଂ ଏହାର ସମାଧାନ ପାଇଁ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଫରାସୀ ରାଷ୍ଟ୍ର ବିପ୍ଳବ ସମୟରେ ମହିଳାମାନଙ୍କ ଭୋଟଦାନ ଅଧିକାର ମହିଳାଙ୍କୁ କିପରି ସଶକ୍ତ କରିଥିଲା ଏବଂ ସାମ୍ପ୍ରତିକ ସମୟର ସ୍ଥିତି ଆଦି ସମ୍ପର୍କରେ ମଧ୍ୟ ଅନୁରୂପ ଆଲୋଚନା ହୋଇଥିଲା।

ସମାଜର ବିକାଶ ପାଇଁ ଉଭୟ ପୁରୁଷ ଓ ମହିଳା ଗୋଟିଏ ମୁଦ୍ରାର ୨ଟି ପାର୍ଶ୍ୱ। ଉଭୟଙ୍କ ସହଭାଗିତାରେ ପରସ୍ପରର ବିକାଶ ହୋଇ ପାରିବ ବୋଲି ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ କହିଥିଲେ। ସେହିଭଳି ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଶ୍ନଉତ୍ତର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ର ଏବଂ ଅଧ୍ୟାପକ ଅଧ୍ୟାପିକାମାନେ ଅନେକ ପ୍ରଶ୍ନ ପଚାରିଥିଲେ। ସବୁ ପ୍ରଶ୍ନର ଉତ୍ତର ଦେଇଥିଲେ ପ୍ରଫେସର ତ୍ରିପାଠୀ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଗବେଷଣାର୍ଥୀ ଜୟେନ୍ଦ୍ର ବେହେରା ଆଲୋଚନା ଚକ୍ରରେ ସହଯୋଗ କରିବା ସହ ତଥ୍ୟ ସଂଗ୍ରହ କରିଥିଲେ। ଅଧ୍ୟାପିକା ସ୍ୱାଗତିକା ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଗୌରହରି ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ସସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସମସ୍ୟା ନେଇ କଂଗ୍ରେସର ଖବରଦାତା ସମ୍ମିଳନୀ

■ବାଣିଗୋଛା ପୋଲିସ ନେଉନି ପଦକ୍ଷେପ

■ସ୍ମାର୍ଟ ମିଟରକୁ ବିରୋଧ, ଭତ୍ତା ବୃଦ୍ଧି ଦାବି

ଦଶପଲ୍ଲା, ୧।୨(ପ୍ରକାଶ କୁମାର ପାଣି)



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ।

କଂଗ୍ରେସ ପକ୍ଷରୁ ଦଶପଲ୍ଲାରେ ଏକ ଖବରଦାତା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇ ବିଭିନ୍ନ ସମସ୍ୟା ଉପରେ ସୂଚନା ଦିଆଯାଇ ପ୍ରତିକାର ପାଇଁ ଦୃଢ଼ ଦାବି କରାଯାଇଥିଲା। ପ୍ରେସ୍ କ୍ଲବଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ନୟାଗଡ଼ ଜିଲା ସଭାପତି ସୁକାନ୍ତ କୁମାର ଶତପଥୀ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଲଡୁ କିଶୋର ଷଡ଼ଙ୍ଗୀ, ଦଶପଲ୍ଲା ବ୍ଲକ କଂଗ୍ରେସ ସଭାପତି ବୁଲୁ ପରିଡା,ଗଣିଆ ବ୍ଲକ କଂଗ୍ରେସ ସଭାପତି ହଲିମ ଖାଁ, ନୂଆଗାଁ ବ୍ଲକ ସଭାପତି ଅଶୋକ କୁମାର ନାୟକ ଏବଂ ବନମାଳୀ ନାୟକ ଯୋଗ ଦେଇଥିଲେ। ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ଜିଲା ସଭାପତି ସମ୍ମିଳନୀରେ ଅଭିଯୋଗ କରିଥିଲେ, ଜଣେ ମହିଳାଙ୍କୁ ଭାଜପା ନେତା ଅପହରଣ କରିନେଇ ଥିବା ବାଣିଗୋଛା ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ, ପୋଲିସକୁ ସମାଲୋଚନା କରିବା ସହ ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯିବ। ସେହିପରି ଇଲେକ୍ଟ୍ରି ବିଭାଗ ତରଫରୁ ସ୍ମାର୍ଟ ମିଟରକୁ ବିରୋଧ କରାଯିବ,ଧାନର କାଟ୍‌ନି ଛଟନିକୁ ବନ୍ଦ କରିବା ପାଇଁ ଦାବି କରିଥିଲେ। ଏଥି ସହ ଭାଜପା ସରକାର ସମସ୍ତ ଭତ୍ତା ୩ ହଜାର କରିବେ ବୋଲି କହିଥିଲା ବେଳେ ତାହା କାହିଁକି କରାଯାଇନାହିଁ ବୋଲି ପ୍ରଶ୍ନ କରିବା ସହ ଭତ୍ତା ବୃଦ୍ଧି ଦାବି ଜଣାଇଥିଲେ।

**ସଂକ୍ଷେପରେ**

## ବେଳାଭୂମି ସଫେଇ ଅଭିଯାନ

ଗୋପାଳପୁର,୧।୨(ନବୀନ ରାଜ ଆଚାରୀ)

ଗୋପାଳପୁର ବେଳାଭୂମି ସଂଗଠନର ପକ୍ଷରୁ ରବିବାର ସଫେଇ ଅଭିଯାନ ଅନୁଷ୍ଠିତ ହୋଇଛି। ଏଥିରେ ସ୍କାଉଟ୍ ଓ ଗାଇଡ୍ ଛାତ୍ରୀଛାତ୍ର, ବ୍ରହ୍ମପୁର ସବୁଜ ବାହିନୀ, ସୃଷ୍ଟି କଲେଜ, ପରିବେଶ କର୍ମୀ ଗୋପାଳପୁର ଏନ୍‌ଏସି ସହଯୋଗରେ ପରିବେଶ ସୁରକ୍ଷା ପାଇଁ ଶପଥ ନେଇଥିଲେ। ପରେ ବେଳାଭୂମି ଉତ୍ସବ ପରେ ପଡ଼ିଥିବା ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ଅଳିଆକୁ ମିଳିତ ଭାବେ ସଫା କରାଯାଇଥିଲା। ସୃଷ୍ଟିକଲେଜର ୨ଜଣ ଛାତ୍ର ମଧ୍ୟ ପରିବେଶ ସୁରକ୍ଷା ଓ ସମୁଦ୍ରତଟ ସଫା ରଖିବା ଉପରେ ଉଦ୍‌ବୋଧନ ଦେଇଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଚିକିଟି, ୧।୨(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡ଼ା ଗ୍ରାମସ୍ଥିତ ଶ୍ରୀବାଲାଜୀ ମହାବିଦ୍ୟାଳୟ ପରିସରରେ ଗତ ୮ଦିନ ଧରି ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରର ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ନୂଆପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅଜୟ ପାଣିଗ୍ରାହୀ ଯୋଗ ଦେଇଥିଲେ। ଉଦ୍‌ଘାଟନ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼କ୍ଟର ସୁଦର୍ଶନ ପଟ୍ଟନାୟକ ଉପସ୍ଥିତ ଥିଲେ। ଶିବିରରେ ମହାବିଦ୍ୟାଳୟର ୬୪ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷକ ଭାବେ ମମତା ପ୍ରଧାନ ଯୋଗ ଦେଇ ପ୍ରଶିକ୍ଷଣ ଦେଉଥିଲେ। ଅଧ୍ୟାପିକା ସୁଚିତ୍ରା ମହାନ୍ତି ପରିଚାଳନା କରିଥିଲେ। ଅଧ୍ୟାପକ ଅୟସକାନ୍ତ ମହାନ୍ତି, ସ୍ମିତିରଞ୍ଜନ ଜେନା ଓ ଅନ୍ୟମାନେ ସହଯୋଗ କରିଥିଲେ।

## ମା' ବନଦେବୀଙ୍କ ନଗର ପରିକ୍ରମା

କବିସୂର୍ଯ୍ୟନଗର,୧।୨(କୃପାସିନ୍ଧୁ ସ୍ୱାଇଁ)

ମାଘ ପୂର୍ଣ୍ଣିମା ଅବସରରେ କବିସୂର୍ଯ୍ୟନଗର ଅଧିଷ୍ଠାତ୍ରୀ ଦେବୀ ମା' ବନଦେବୀଙ୍କ ବାର୍ଷିକ ନଗର ପରିକ୍ରମା ଅନୁଷ୍ଠିତ ହୋଇଛି। ସକାଳେ ମା'ଙ୍କ ହୋମ, ପୂଜା ଯଥାରୀତି ହୋଇଥିଲା। ଅପରାହ୍ନରେ ସୁସଜ୍ଜିତ ରଥରେ ମା'ଙ୍କୁ ଜାନି ମୁଣ୍ଡରେ ବସାଇ ନଗର ପରିକ୍ରମା କରିଥିଲେ। ବହୁ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ। ପ୍ରତି ଘର ଦାଣ୍ଡରେ ମା'ଙ୍କ ଲାଗି ଭୋଗ ବଢ଼ା ଯାଇଥିଲା। ମା' ବର୍ଷକରେ ଥରେ ଶ୍ରଦ୍ଧାଳୁଙ୍କ ଘର ସମ୍ମୁଖରେ ପୂଜା ପାଇଥାନ୍ତି। ଭୋଗ ପରେ ମା'ଙ୍କୁ ବିଦାୟ ଲାଗି ସାହିବାସୀ ପଛେ ପଛେ କିଛି ଦୂର ଯାଇଥାନ୍ତି।

# କାମରେ ଆସୁନି ରାଜସ୍ୱ ବିଭାଗ ଡାକବଙ୍ଗଳା

ଫୁଲବାଣୀ,୧।୨(ରାକେଶ କୁମାର ରାଉତ)



ଫୁଲବାଣୀ ସହର ୧୩ ନଂ. ୱାର୍ଡ କେନ୍ଦୁପଦରରେ ବହୁବର୍ଷ ହେବ ରାଜସ୍ୱ ବିଭାଗର ଡାକ ବଙ୍ଗଳା ନିର୍ମାଣ ହୋଇଛି। ହେଲା କୋଠା ନିର୍ମାଣ ହୋଇ କିଛି ବର୍ଷ କାର୍ଯ୍ୟକ୍ଷମ ହେବା ପରେ ଏହା ବନ୍ଦ ହୋଇ ପଡିରହିଛି। ଦୀର୍ଘ ବର୍ଷ ଧରି କାର୍ଯ୍ୟକ୍ଷମ ନ ହେବାରୁ ଏହା ଏବେ ଭୂତ ବଙ୍ଗଳା ସଦୃଶ ହୋଇଛି। ରାଜସ୍ୱ ବିଭାଗର ନଜର ଏଠାରେ ପଡୁନାହିଁ। ଫଳରେ ସରକାରଙ୍କ ରାଜସ୍ୱ ହାନୀ ହେବା ସହ ଲକ୍ଷାଧିକ ଟଙ୍କାରେ ନିର୍ମିତ ଏହି ବଙ୍ଗଳା ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲି ଆସିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ୧୨ ବର୍ଷ ତଳେ ଏହା ବ୍ୟବହାର ହେଉଥିଲା। ଏଠାରେ ଜମିଜମା ବନ୍ଦୋବସ୍ତ କ୍ୟାମ୍ପ ଚାଲୁଥିଲା। କ୍ରମଶଃ ଏହା ବନ୍ଦ ବନ୍ଦ ହୋଇଗଲା। ବଙ୍ଗଳାଟି ଫୁଲବାଣୀ ଉପ ଜିଲାପାଳଙ୍କ ଅଧିନରେ ରହିଛି। କିନ୍ତୁ ଆଜି ଯାଏ ଏହାର ରକ୍ଷଣା ବେକ୍ଷଣା ଉପରେ କେହି ଦୃଷ୍ଟି ଦେଉନାହାନ୍ତି। କନ୍ଧମାଳ ଜିଲାରେ ଅନେକ ପର୍ଯ୍ୟଟନସ୍ଥଳୀ ରହିଛି । ଫୁଲବାଣୀରେ ମଧ୍ୟ ଏକାଧିକ ଦର୍ଶନୀୟ ସ୍ଥାନ ରହିଛି। ପର୍ଯ୍ୟଟକ ଆସିଲେ ରହିବାରେ ଅସୁବିଧା ଭୋଗୁଛନ୍ତି । ସରକାର ଏହି ବଙ୍ଗଳାକୁ ମରାମତି କଲେ ପର୍ଯ୍ୟଟଙ୍କ ପାଇଁ ମଧ୍ୟ ସୁବିଧା ହୋଇପାରନ୍ତା । ଏହାସହ ସରକାରୀ କାର୍ଯ୍ୟକ୍ରମ ହୋଇ ପାରନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଫୁଲବାଣୀ ଉପ ଜିଲାପାଳ ଭିକାରୀ ସାହୁ ଏହି ବଙ୍ଗଳାର ମରାମତି କରାଯାଇ ରକ୍ଷଣ ବେକ୍ଷଣ ଉପରେ ଧ୍ୟାନ ଦିଆଯିବ ବୋଲି କହିଛନ୍ତି ।

# ୩ରେ ମୁଖ୍ୟମନ୍ତ୍ରୀଙ୍କ ତାରାତାରିଣୀ ଗସ୍ତ



ପରିବହନ ମନ୍ତ୍ରୀ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି ।

- ସାମୂହିକ କନ୍ୟାରତ୍ନ ବିବାହରେ ଯୋଗ ଦେବେ
- ପୂର୍ବ ପ୍ରସ୍ତୁତିର ସମୀକ୍ଷା କଲେ ପରିବହନ ମନ୍ତ୍ରୀ

ପୁରୁଷୋତ୍ତମପୁର,୧।୨(ସବିତା ମିଶ୍ର)

ଆସନ୍ତା ୩ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମ ଜିଲାର ତାରାତାରିଣୀ ଗସ୍ତ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମା' ତାରାତାରିଣୀଙ୍କ ପୀଠରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମୁହିକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବେ। ଏନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ରବିବାର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ତାରାତାରିଣୀ ଆସି ପ୍ରସ୍ତୁତି ବ୍ୟବସ୍ଥାର ତଦାରଖ କରିଛନ୍ତି। ଗଞ୍ଜାମ ଜିଲାପାଳ ଭି.କିର୍ତ୍ତୀଭାସନ, ପୂର୍ବତନମନ୍ତ୍ରୀ ସୋନିଆ ପ୍ରଧାନ, ଛତ୍ରପୁର ଉପଜିଲାପାଳ ଶୁଭାଶିଷ ବରାଳ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା, ବିଡିଓ ଶରତ ପାତ୍ର, ଏସ୍‌ଡିପିଓ ସୁଜିତ ନାୟକ ଓ ଆଇଆଇସି ରାଜେଶ ନାୟକଙ୍କ ସହ ମନ୍ତ୍ରୀ ଜେନା ଆଲୋଚନା କରିଛନ୍ତି।

# ଶ୍ରୀରାମ ତାରକ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି

ଦିଗପହଣ୍ଡି,୧।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ ବଡପଦା ଗ୍ରାମ ସ୍ଥିତ ଶ୍ରୀଉଦୟନାଥେଶ୍ୱର ଶୈବ ପୀଠରେ ଚାଲିଥିବା ପଞ୍ଚକୁଣ୍ଡିୟ ଶ୍ରୀରାମ ତାରକ ବିଶ୍ୱଶାନ୍ତି ମହାଯଜ୍ଞ ରବିବାର ପୂର୍ଣ୍ଣାହୁତି ହୋଇଛି। ଜନୁଆରୀ ୨୨ ଠାରୁ ପଣ୍ଡିତ ସୁଧାଂଶୁ କରଙ୍କ ପୌରହିତ୍ୟରେ ଆରମ୍ଭ ହୋଇଥିବା ଏହି ମହାଯଜ୍ଞରେ ପ୍ରତ୍ୟହ ଘୃତ ଯଜ୍ଞ, ନାମ ଯଜ୍ଞ, ଅନ୍ନ ଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ପୂର୍ଣ୍ଣାହୁତିରେ ଗଞ୍ଜାମ-ଗଜପତି ଜିଲାର ବିଭିନ୍ନ ଅଞ୍ଚଳରୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଦିଗପହଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଜିଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନ ଏଥିରେ ଯୋଗ ଦେଇ ଯଜ୍ଞ ନାରାୟଣଙ୍କ ଦର୍ଶନ କରିବା ସହ ବ୍ଲକର ସମସ୍ତ ଜନସାଧାରଣଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ଆହୁତି ପ୍ରଦାନ କରିଥିଲେ। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଲିଙ୍ଗରାଜ ପଣ୍ଡା ଓ ସହଧର୍ମିଣୀ କର୍ତ୍ତା ଆସନ ଅଳଙ୍କୃତ କରିଥିଲେ। ଶ୍ରଦ୍ଧାଳୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ଦୀର୍ଘ ୧୧ ଦିନ ବ୍ୟାପୀ ଅନୁଷ୍ଠିତ ମହାଯଜ୍ଞକୁ ପରିଚାଳନା କମିଟି ସଭାପତି ରଞ୍ଜନ କୁମାର ପାଣିଗ୍ରାହୀ, ସମ୍ପାଦକ ରବିଚନ୍ଦ୍ର ଗୌଡ, ଉପସଭାପତି କିଶୋର ଚନ୍ଦ୍ର ସର୍ଦ୍ଦାର ଓ ଦାଶରଥି ବେହେରା, ସହସମ୍ପାଦକ ସିମାଞ୍ଚଳ ଗୌଡ଼, କୋଷାଧ୍ୟକ୍ଷ ବି. ବାବୁ ପାତ୍ର, ଜିଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସିପିଆଇ ସାବୁଲିଆ ଶାଖା କର୍ମକର୍ତ୍ତା ଚୟନ

ରମ୍ଭା,୧।୨(ବନବାସୀ ସେଠୀ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସାବୁଲିଆ ଶାଖାର ୫୧ ତମ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ଚୟନ ବାର୍ଷିଆନ ସାଥି ଗୁଣ୍ଠିତା ବେହେରାଙ୍କ ସଭାପତିତ୍ୱରେ ଶ୍ରମିକ ଭବନ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ସମ୍ପାଦକ ସାଥି ଶ୍ରୀହର୍ଷ ରଥ, ସହ ସମ୍ପାଦକ ପ୍ରଦୀପ ସେଠୀ ଓ ନୀଳକଣ୍ଠ ଦାସ, ଜିଲା କାର୍ଯ୍ୟକାରୀ କମିଟି ସଦସ୍ୟ ସିଏଚ୍.ଜନାର୍ଦ୍ଦନ ରେଡ୍ଡୀ ଓ ଦୁର୍ଗା ଚରଣ ପାତ୍ର, ସରପଞ୍ଚ ମନୋଜ ଗୌଡ଼, ଖଲିକୋଟ ଅଞ୍ଚଳ ସମ୍ପାଦକ ସୀମାଞ୍ଚଳ ବେହେରା, ଉତ୍କଳ ମହିଳା ସମିତି ସଭାପତି ଏନ.ଭାନୁମତୀ ରେଡ୍ଡୀ, ରାଜ୍ୟନେତା କୁମାର ପ୍ରିୟଦର୍ଶୀ ପ୍ରମୁଖ ମଞ୍ଚାସିନ ରହି କେନ୍ଦ୍ର ଓ ରାଜ୍ୟ ଡବଲ ଇଞ୍ଜିନ ସରକାରଙ୍କ ଦୋ ମୁହାଁ ନୀତି, ନୀତି ନିର୍ଦ୍ଧାରଣରେ ବାଚାଳାମି ସହିତ କୌଣସି ନିଷ୍ପତ୍ତିରେ ସଠିକ ଉପନୀତ ହେଉ ନ ଥିବା କହି ନିନ୍ଦା କରିଥିଲେ। ଆଗାମୀ ୬ ତାରିଖରେ ଦଖଲ ଜମିର ପଟ୍ଟା, କାଜୁ ଜଙ୍ଗଲ ପଟ୍ଟା, ଭୂମି ହୀନଙ୍କୁ ବାସଗୃହ, ଯୋଗାଣକୁ ଦାବି ନେଇ ଖଲିକୋଟ ତହସିଲ ଅଫିସ ଘେରାଉ ନିଷ୍ପତ୍ତି ହୋଇଛି। ତା।୧୨ ତାରିଖରେ ମିଳିତ ଟ୍ରେଡ୍ ୟୁନିୟନ ଡାକରାରେ ସର୍ବଭାରତୀୟ ଧର୍ମଘଟକୁ ଶତାଧିକ ସାମିଲ ହୋଇ ସଫଳ କରିବାପାଇଁ ନିଷ୍ପତ୍ତି ହୋଇଥିଲା। ଶେଷରେ ସର୍ବସମ୍ମତି କ୍ରମେ ପୁନର୍ବାର ସମ୍ପାଦକ ଭାବେ ସନ୍ତୋଷ ଦଳେଇ, ସହ ସମ୍ପାଦକ ସଦାଶିବ ବେହେରା, ଯୁବକ ସଂଘର ସଭାପତି ସନ୍ତୋଷ ତରେଇ, ଉପ ସଭାପତି ସୁଦର୍ଶନ ପରିଡା, ସମ୍ପାଦକ ବ୍ରହ୍ମାନନ୍ଦ ବେହେରା ସହିତ ଏକ ୭ ଜଣିଆ କମିଟି ମଧ୍ୟରେ ହରିକୃଷ୍ଣ ଦାସ, ପଞ୍ଚାନନ ବାରିକ, ପୂର୍ଣ୍ଣଚନ୍ଦ୍ର ଦଳାଇ, ମିଟୁ ରଣା, ପ୍ରକାଶ ବାଡତ୍ୟା ପ୍ରମୁଖ ଥିଲେ।

# ଖୋଲାଗଲା ମା' ପାଟଖଣ୍ଡା ମନ୍ଦିର ହୁଣ୍ଡି



ଗଣତି କରାଯାଉଛି।

ବାଲିଗୁଡା,୧।୨(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡାଙ୍କ ମନ୍ଦିରର ଭିତରେ ଓ ବାହାରେ ଥିବା ହୁଣ୍ଡିକୁ ରବିବାର ସନ୍ଧ୍ୟାରେ ଖୋଲାଯାଇଛି। ମନ୍ଦିର କମିଟିର ସଭାପତି ସନ୍ୟାସୀ ପାତ୍ର, ସମ୍ପାଦକ କେ. ସୁଶାନ୍ତ କୁମାର ପାତ୍ର ଓ କୋଷାଧ୍ୟକ୍ଷ ମହେଶ୍ୱର ଡାକୁଆଙ୍କ ସମେତ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲାଯାଇ ଟଙ୍କା ଗଣତି ହୋଇଛି। ହୁଣ୍ଡିରୁ ୫୪ ହଜାର ୩୦୦ ଟଙ୍କା ମିଳିଥିବା ବେଳେ ୭୪୦ ମିଲି ଗ୍ରାମର ଏକ ଗହଣା ମିଳିଥିବା କମିଟି ପକ୍ଷରୁ ସୂଚନା ମିଳିଛି। ଏ ସମସ୍ତ ଟଙ୍କା ଓ ଜିନିଷଗୁଡିକୁ ସମସ୍ତଙ୍କ ଉପସ୍ଥିତିରେ କୋଷାଧ୍ୟକ୍ଷ ଡାକୁଆଙ୍କୁ କମିଟିର ନିଜସ୍ୱ ଲକରରେ ରଖିବା ପାଇଁ ଦାୟିତ୍ୱ ଦିଆଯାଇଥିଲା। ଦୀର୍ଘଦିନ ପରେ କମିଟିର ସମସ୍ତ ସଦସ୍ୟ, ଜନସାଧାରଣ ଓ ପୋଲିସ କର୍ମଚାରୀଙ୍କ ଗୋଚରରେ ଅବଗତ କରାଯାଇଥିବାରୁ ନୂତନ କମିଟି କର୍ତ୍ତୃପକ୍ଷଙ୍କୁ ଅଞ୍ଚଳବାସୀଙ୍କ ତରଫରୁ ସାଧୁବାଦ ଜଣାଯାଇଛି। ଏ ସମ୍ପର୍କରେ ସମ୍ପାଦକ ପାତ୍ର କହିଛନ୍ତି, ଆମ୍ଭେ ଦାୟିତ୍ୱ ଗ୍ରହଣ କରିବା ଦିନ ଠାରୁ ମନ୍ଦିର ସମ୍ମୁଖରେ ପ୍ରତ୍ୟେକ ମାସର ଆୟବ୍ୟୟର ସବିଶେଷ ତଥ୍ୟ ସହ ଲିଖିତ ଭାବେ ଜନସାଧାରଣଙ୍କ ଅବଗତ ନିମନ୍ତେ ପ୍ରକାଶ କରୁଛୁ। ଆଗାମୀ ଦିନରେ ମନ୍ଦିର ପରିଚାଳନା କାର୍ଯ୍ୟକ୍ରମକୁ ମଧ୍ୟ ତ୍ରୁଟି ମୁକ୍ତ କରିବା ପାଇଁ ଚେଷ୍ଟା କରିବୁ ବୋଲି ସେ କହିଥିଲେ।

# ଶେଷ ପର୍ଯ୍ୟାୟରେ ଶୀତ ମହୋତ୍ସବ 'ତୁଷାର' ପ୍ରସ୍ତୁତି



ମହୋତ୍ସବ ସ୍ଥଳ

କି.ଉଦୟଗିରି,୧।୨(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ଶ୍ରୀରାମପଦା ସ୍ଥିତ କଳିଙ୍ଗ ମିନି ଷ୍ଟାଡିଅମ ପଡ଼ିଆରେ ୭ ତାରିଖରୁ ଶୀତ ମହୋତ୍ସବ 'ତୁଷାର' ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମହୋତ୍ସବକୁ ନେଇ ଅଞ୍ଚଳରେ ଉତ୍ସାହର ମାହୋଲ ଦେଖିବାକୁ ମିଳିଛି। ଓଡ଼ିଶା ପରିବହନ, ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମହୋତ୍ସବକୁ ଉଦ୍‌ଘାଟନ କରିବା ନେଇ ସୂଚନା ମିଳିଛି। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଜୋରସୋରରେ ଚାଲିଥିବା ବେଳେ ମୁଖ୍ୟମଞ୍ଚ ସହ ସେଲ୍ଫି ପଏଣ୍ଟ, ମୀନା ବଜାର,ଷ୍ଟଲ୍ ପ୍ରସ୍ତୁତ ହୋଇସାରିଛି। ଜି.ଉଦୟଗିରିର ବରାଳଦେବୀ ମନ୍ଦିରରୁ ରବିବାର ଏକ ମଶାଲ ଶୋଭାଯାତ୍ରା ବାହାରି ବ୍ଲକ୍‌ର ସମସ୍ତ ପଞ୍ଚାୟତ ଭ୍ରମଣକରି ମହୋତ୍ସବ ପଡ଼ିଆରେ ମଙ୍ଗଳବାର ପହଞ୍ଚିବ। ଉଦ୍‌ଘାଟନ ଦିବସ କୁଇ ସଙ୍ଗୀତ ମେଲୋଡ଼ି କାର୍ଯ୍ୟକ୍ରମରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହେବ। ୪ ତାରିଖରେ ଖ୍ୟାତିନାମା କଳାକାର ବର୍ଣ୍ଣାଳୀ ହୋତା, ୫ରେ ଅନ୍ତରା ଚକ୍ରବର୍ତ୍ତୀ, ୬ରେ ବ୍ରହ୍ମପୁରରୁ ହେଲୋମ୍ୟାନ୍ ଗ୍ରୁପ, ଫୁଲବାଣୀ ନଟରାଜ କଳାମନ୍ଦିରର କଳାକାର ମାନେ ନିଜ କଳା ପରିବେଷଣ କରିବେ ଓ ମୁଁ ବି ନମିତା ଅଗ୍ରୱାଲ ହେବି ସଙ୍ଗୀତ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରିଥିବା କୁନି କଣ୍ଠଶିଳ୍ପୀ ସମୃଦ୍ଧି ପଟ୍ଟନାୟକ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି।

# ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

ବେଲଗୁଣ୍ଠା,୧।୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶରେ ରବିବାର ବେଲଗୁଣ୍ଠା ବ୍ଲକର ସମସ୍ତ ୧୧ଟି ଆଞ୍ଚଳିକ ସାଧନ କେନ୍ଦ୍ରରେ ସିଆରସିସିମାନଙ୍କ ଅଧ୍ୟକ୍ଷତାରେ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଏଫ୍‌ଏଲ୍‌ଏନ୍ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ହୋଇଛି। ଗାଙ୍ଗପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମତ୍ୟୁଞ୍ଜୟ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସାନ ସାଦରା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ବୈଠକରେ ପ୍ରଧାନ ଶିକ୍ଷକ ଶିବରାମ ବେହେରା ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ବେହେରା, ସୁଚରିତା ଗୌଡ଼ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଶାନ୍ତିଲତା ବେହେରା, ପ୍ରଧାନ ଶିକ୍ଷକ ଶିବରାମ ବେହେରା, ଲିଙ୍ଗରାଜ ସେଠୀ, ଶିଶିର ସ୍ୱାଇଁ, ଶୀତଳ ପ୍ରସାଦ ଜେନା, ଏଫ୍‌ଏଲ୍‌ଏନ୍ ଶିକ୍ଷକ ଅଶୋକ ବେହେରା, ଦାଶରଥି ସେଠୀ, ଖପଲ ମାଣ୍ଡି, ଶିକ୍ଷୟିତ୍ରୀ ତୁଳସୀ ସ୍ୱାଇଁ, ସାନୁଜା ନାୟକ, ଶୁଭଶ୍ରୀ ପଣ୍ଡା, ମିନି ସେଠୀ, ସ୍ମିତା ନାୟକ, ଦୀପା ପ୍ରଧାନ, କାଜଲ୍ ପ୍ରଧାନ, ମାନସୀ ନାୟକ, ଆରତି ପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ଜାନୁୟାରୀ ମାସର ଶୈକ୍ଷିକ କ୍ୟାଲେଣ୍ଡର୍, ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷା, ମୌଳିକ ସ୍ତର ଶିକ୍ଷଣର ସର୍ବେକ୍ଷଣ, ଶ୍ରେଣୀ ପର୍ଯ୍ୟବେକ୍ଷଣ ସାଧନୀ ସମ୍ପର୍କରେ ଆଲୋଚନା ହୋଇଥିଲା। ବେଲଗୁଣ୍ଠା ବିଇଓ ଲୋପାମୁଦ୍ରା ରଥ, ଜିଲା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ପ୍ରଶିକ୍ଷକ ନବୀନ ଚନ୍ଦ୍ରା ପରମାଣିକ ବୈଠକ ପରିଦର୍ଶନ କରି ତଦାରଖ କରିଥିଲେ। ସେହିପରି ବ୍ଲକ୍‌ର ଅନ୍ୟାନ୍ୟ କ୍ଲଷ୍ଟର୍‌ରେ ମଧ୍ୟ ମାସିକ ବୈଠକ ଅନୁଷ୍ଠିତ ହୋଇଛି।

# ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ପାରଳାଖେମୁଣ୍ଡି,୧।୨(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ପାର୍ଶ୍ୱଓ ଗ୍ରାମସ୍ଥିତ ପୂର୍ଣ୍ଣପୀଠ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୭ତମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ଡ. ମାୟାଧର ସାହୁ ଯୋଗଦେଇ ଶିକ୍ଷାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କଳ୍ପନା ପଟ୍ଟନାୟକ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଆଞ୍ଚଳିକ ବ୍ୟାଙ୍କ ପରିଚାଳକ ବିଶ୍ୱନାଥ ପାଣିଗ୍ରାହୀ ଏବଂ ଅନ୍ୟତମ ଅତିଥି ଭାବେ ଜିଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ ମିଶ୍ର ଯୋଗଦେଇ ପିଲାମାନେ ବହିରେ ଯେଉଁସବୁ ପାଠ ପଢିଥାଆନ୍ତି ତାହାର ବ୍ୟବହାରିକ ମାଧ୍ୟମ ପ୍ରତି ବିଶେଷ ଧ୍ୟାନ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାକେନ୍ଦ୍ରର ସଭାପତି ଗୀତାଞ୍ଜଳି ଦାସ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସମ୍ପାଦକ ଗୌରହରି କରସୁଧା ପଟ୍ଟନାୟକ ଅତିଥି ପରିଚୟ ଦେଇଥିଲେ । ଅଧ୍ୟକ୍ଷ ରବୀନ୍ଦ୍ରନାଥ ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ଗୀତିନାଟ୍ୟ ପରିବେଷଣ କରିଥିଲେ। ମାତୃପୀଠ ସମ୍ପାଦକ ବିଜୟ ମୁନି ଧନ୍ୟବାଦ ଦେଇଥିଲେ।

# ଫେବୃଆରୀ ୧୨ ଧର୍ମଘଟ ସଫଳ ନେଇ ବୈଠକ

ପାରଳାଖେମୁଣ୍ଡି,୧।୨(ଗିରିଧାରୀ ପରିଚ୍ଛା)- କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତିତଥା ୪ଟିଶ୍ରମ କୋଡ୍‌ରଦ୍ଦ ଏବଂ ଅନ୍ୟାନ୍ୟ ଦାବି ନେଇ ଫେବୃଆରୀ ୧୨ରେ ହେବାକୁ ଥିବା ଧର୍ମଘଟ ସଫଳ କରିବା ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପାରଳାଖେମୁଣ୍ଡି ସିପିଏମ କାର୍ଯ୍ୟାଳୟରେ ହୋଇଥିବା ଏହି ବୈଠକରେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ଆଇଏନଟିୟୁସି, ଏଆଇଟିୟୁସି, ଏଚଏମଏସ, ସିଟୁ, ଏଆଇୟୁଟିୟୁସି, ଟିୟୁସିସି, ସେୱା, ଏଆଇସିସିଟିୟୁ, ଏଲପିଏଫ, ୟୁଟିୟୁସି ଓ କର୍ମଚାରୀ ଫେଡେରେଶନ ସମୂହ ଯୋଗଦେଇ ଧର୍ମଘଟ ସମ୍ପର୍କରେ ଆଲୋଚନା କରିଥିଲେ। ଜେନା ସୁବାସଚନ୍ଦ୍ର ରାଓ, କେଦାର ଶବର, ଦଣ୍ଡପାଣି ରଇତ ଓ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ନୂଆସାହି ବାପ୍‌ଟିଷ୍ଟ ଚର୍ଚ୍ଚରେ ବିଶ୍ୱ ସିଇ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କି.ଉଦୟଗିରି,୧।୨(ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ନୂଆସାହି ବାପଟିଷ୍ଟ ମଣ୍ଡଳୀ ଚର୍ଚ୍ଚଠାରେ ଖ୍ରୀଷ୍ଟୀୟ ଉଦ୍ୟୋଗ ସମିତି (ସିଇ)ପକ୍ଷରୁ ୧୪୫ତମ ବିଶ୍ୱ ସିଇ ଦିବସ ପାଳିତ ହୋଇଛି। କନ୍ଧମାଳ ଜିଲାରେ ୧୦ଟିଅଞ୍ଚଳରେ ୧୫୭ଟିସିଇ ସମିତି କାର୍ଯ୍ୟ କରୁଛି। ନୂଆସାହି ମଣ୍ଡଳୀରେ ଏହି ଦିବସକୁ ବିଶେଷ ଆଡମ୍ବର ସହକାରେ ପାଳନ କରାଯାଇଥିଲା। ସମାଜରେ ଯୁବଗୋଷ୍ଠୀଙ୍କୁ ଶିକ୍ଷା, ସାମାଜିକ ନ୍ୟାୟ ଓ ଆଧାତ୍ମିକ ସେବା କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହିଅବସରରେ ମଣ୍ଡଳୀ ପ୍ରାଙ୍ଗଣରେ ଧ୍ୱଜା ଉତ୍ତୋଳନ ହୋଇଥିଲା। ଖୋର୍ଦ୍ଧାରୁ ଆସିଥିବା ରାଜ୍ୟ ସିଇ ୟୁନିୟନ ଉପସଭାପତି ଆଚାର୍ଯ୍ୟ ସୁରେନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧ୍ୱଜା ଉତ୍ତୋଳନ କରି ବାଇବେଲ ଧର୍ମ ଶାସ୍ତ୍ରରୁ ଉପଦେଶମୂଳକ ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମକୁ ଖ୍ରୀଷ୍ଟୀୟ ଉଦଯୋଗ ସମିତି ସମ୍ପାଦକ ଚେତନ ନାୟକ ପରିଚାଳନା କରିଥିଲେ। ସିଇ ସଦସ୍ୟ ଦୀପେଶ ନାୟକ ଉପାସନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଆଚାର୍ଯ୍ୟ ପ୍ରଶାନ୍ତ ଦାସ ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସ୍ଥାନୀୟ ପାଳକ କ୍ଷମାଶୀଳ ବାଗ ସମସ୍ତଙ୍କ ପାଇଁ ପ୍ରାର୍ଥନା ଉତ୍ସର୍ଗ କରିଥିଲେ। ସିଇ ୟୁନିୟନର କର୍ମକର୍ତ୍ତା, ଆଲବିନ ନାୟକ, ଅଭିଷେକ ନାୟକ, ଅଭିଜିତ ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

**GOVERNMENT OF ORISSA**
**OFFICE OF THE SUPERINTENDING ENGINEER : GANJAM (R&B) DIVISION NO.I, BERHAMPUR**
Phone/Fax : (0680) 2233683, e-mail : eernb1_bam@yahoo.com
Letter No.1004 / Dated 29.01.2026
**Ist Corrigendum to Bid Identification No.S.E. (R&B) Divn. No.I Bam. 57/2025-26 vide letter No.665 dtd 20.01.2026**
**No. 34001/11/2526** : The tender invited vide Bid Identification No.57/2025-26 bearing letter No.665 dated 20.01.2026 the sale and receipt of Tenders invited for 03 no. of work may be read as from 30.01.2026 to 06.02.2026 instead of 27.01.2026 to 04.02.2026 and opening of tender on 07.02.2026 in place of 05.02.2026.
Other terms and conditions remain unchanged
OIPR-34001/34109/1/25-26/0011
Sd./- Superintending Engineer, Ganjam R&B Division No. I

**Government of Odisha "e" procurement Notice**
INVITATION FOR BIDS (IFB)
No.27001/6/2526
**OFFICE OF THE DISTRICT PROJECT OFFICE, SAMAGRA SHIKSHA, DHENKANAL**
Bid Identification No.SS/DKL/02/2025-2026

| | | |
|---|---|---|
| 1. | The District Project Coordinator, Samagra Shiksha, Dhenkanal, on behalf of Governor of Odisha, invites percentage rate bids in single cover system in **ONLINE MODE** only from eligible contractors for Construction of Building work as detailed below. | |
| 2. | Nature of work | Construction of Additional Classrooms |
| 3. | No. of work | 11 Nos. |
| 4. | Cost of Tender Paper | 6,000/- |
| 5. | Class of Contractor | "C" & "D" |
| 6. | Period of Completion | 04 (Four) Calendar Months |
| 7. | Availability of Bid Documents in the website | **From 10.00 A.M. of 04.02.2026 to 5.30 P.M. of 18.02.2026** |
| 8. | Date of Opening of Bid | **Dt.19.02.2026 at 11:00 A.M.** |
| 9. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

Sd./- District Project Coordinator, Samagra Shiksha, Dhenkanal
OIPR-27001/27210/1/25-26/0006

# ପ୍ରାଚୀନ ସାହିତ୍ୟ ଅଧ୍ୟୟନ ପାଇଁ ଯୁବପିଢ଼ିଙ୍କୁ ସଚେତନ କରିବା ଆମ ଦାୟିତ୍ୱ

ଧରାକୋଟ,୧।୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

## ଘୁମୁସରର ସ୍ୱର ପକ୍ଷରୁ ଆଲୋଚନାଚକ୍ର

ପ୍ରାଚୀନ ଧରାକୋଟ ରାଜ୍ୟର ସିଙ୍ଗିପୁର ଗ୍ରାମରେ ବାଲିପଦରର ଓଡ଼ିଆ ଭାଷା ସାହିତ୍ୟ କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ଘୁମୁସରର ସ୍ୱର ପକ୍ଷରୁ ୧୫୮ତମ ପୂର୍ଣ୍ଣିମା ସାହିତ୍ୟ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ଡ. ବି.ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବାଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଜିତ୍ ସେଠୀ,ମୁଖ୍ୟବକ୍ତା ରୂପେ ଡକ୍ଟର ବ୍ରଜ କିଶୋର ପାଢ଼ୀ, ସମ୍ମାନିତ ଅତିଥି ରୂପେ କବି ସୁଶାନ୍ତ କର,ଚିନ୍ତାମଣି ପ୍ରଧାନ ସମ୍ମାନିତ ଅତିଥି, ଅନ୍ୟତମ ଅତିଥି ରୂପେ ଖଲିକ ପରିଡା, କୈଳାସ ଚନ୍ଦ୍ର ପ୍ରଧାନ, ସୁକାନ୍ତ ପାଳ ସଂଯୋଜକ ଚିନ୍ମୟ ମିଶ୍ର, ପ୍ରବଚକରତ୍ନ ଜ୍ଞାନରଞ୍ଜନ ଜେନା ଉପସ୍ଥିତ ଥିଲେ। ଧରାକୋଟର କଳା, ସାହିତ୍ୟ, ସଂସ୍କୃତି ଅତି ମହାନ। କୃଷ୍ଣ ସିଂହଙ୍କ ରଚିତ ମହାଭାରତ ଭଳି ସାହିତ୍ୟ ଆଉ ଉତ୍ତର ପିଢ଼ି ବୁଝି ପାରିବେ କି ନାହିଁ ସନ୍ଦେହ ପ୍ରକାଶ ପାଇଲାଣି। ଏଣୁ ପ୍ରାଚୀନ ସାହିତ୍ୟକୁ ଅଧ୍ୟୟନ କରିବା ପାଇଁ ଯୁବ ପିଢ଼ିଙ୍କୁ ସଚେତନ କରାଇବା ଆମ ଦାୟିତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରୀତିମୟୀ ଖଟେଇ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ବେଲଗୁଣ୍ଠାର ଚିନି ମହେନ୍ଦ୍ର କୁମାର ପାତ୍ରଙ୍କୁ ଘୁମୁସରର ସ୍ୱର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ମା' ରତନେଇ ମନ୍ଦିର ମୁଖ୍ୟଦ୍ୱାର ପ୍ରତିଷ୍ଠା

ବୁଗୁଡ଼ା,୧।୨(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ ଭାମଶ୍ୟାଳି ପଞ୍ଚାୟତ ଅନ୍ତର୍ଗତ କୁଆଁନଳା ଗ୍ରାମସ୍ଥ ମା ରତନେଇ ମନ୍ଦିର ମୁଖ୍ୟଦ୍ୱାର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଆଚାର୍ଯ୍ୟ ଭାବେ ସୁବାସ ଚନ୍ଦ୍ର ଦାଶ, ପ୍ରଚାରକ ଭାବେ ଚନ୍ଦ୍ର ଶେଖର ଦାଶ ଓ ହିମାଂଶୁ ଶେଖର ଦାଶ ଯୋଗ ଦେଇ ପୂଜାପାଠ ସମ୍ପାଦନ କରିଥିଲେ। ସୀତାରାମ ଦାଶ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଅଷ୍ଟପ୍ରହର ନାମଯଜ୍ଞ ହୋଇଥିଲା । ଗୋଲିଆ, ଭାମଶ୍ୟାଳି, କୁଶପଲ୍ଲୀ ଓ କୁଆଁନଳା ଆଦି ଗ୍ରାମର ନାମ ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ।

**ODISHA MINING CORPORATION LTD**
(A Gold Category State PSU)
Registered Office : OMC House, Bhubaneswar-751 001
CIN : U13100OR1956SGC000313
OMC ODISHA MINING CORPORATION LTD. Mining Happiness
No.30001/4/2526 **NOTICE INVITING REQUEST FOR PROPOSAL (RFP)**
**RfP No.01/OMC/CIVIL/2026** **Dated : 30.01.2026**
1. Request for Proposal (RfP) for the following work is invited on-line through the e-procurement portal of Govt. of Odisha.

| Sl No. | Name of Project | EMD in INR | Bid Processing Fee in INR | Period of Services |
|---|---|---|---|---|
| 1 | **Design, Manufacturing, Supply and Installation of PEB (Pre-Engineered Building) Core Box shed 2 (two) nos including civil foundation, E/I and others on Turnkey basis at Dubuna camp of Barbil region in the district of Keonjhar** | 1,67,000/- | 10,000/- plus 18% GST | 08 (Eight Months) |

2. The bidders must participate in on-line bidding at the site : **https://www.tendersodisha.gov.in**
3. Bid documents will be available in the above website from Dt.03.02.2026 to Dt.18.02.2026 up to 05:00 P.M.
4. Last date and time for on-line submission of bid in web portal is Dt.18.02.2026 up to 05:00 P.M.
5. The tender will be opened on Dt.19.02.2026 at 11:00 A.M.
6. The bidder must possess compatible Digital Signature Certificate (DSC) of Class-III.
All other details can be seen from RfP Document at **https://www.tendersodisha.gov.in**.
Odisha Mining Corporation Limited reserves the right to reject any or all RfPs received without assigning any reasons thereof.
**OIPR-30001/30005/1/25-26/0004** **Sd./- GM (Civil)**

